# କେନ୍ଦ୍ରାପଡ଼ାରେ ଗଡ଼ିଲା ଲକ୍ଷ୍ମୀ ବସ୍






**କେନ୍ଦ୍ରାପଡ଼ା, ୧୬ା୨(ସମିସ)**

ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଗ୍ରାମାଞ୍ଚଳ ଲୋକମାନଙ୍କ ଗମନାଗମନରେ ସୁବିଧା ପାଇଁ 'ଲକ୍ଷ୍ମୀ' ବସ୍ ଗଡ଼ିଥିବା ବେଳେ ଶୁକ୍ରବାର କେନ୍ଦ୍ରାପଡ଼ାରେ ଗଡ଼ିଛି। ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ବସ୍ ସଂଯୋଗ ସୁନିଶ୍ଚିତ କରିବା ସହ ସୁଲଭ ଓ ନିର୍ଭର ଯୋଗ୍ୟ ସେବା ଯୋଗାଇଦେବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ଏହି ଐତିହାସିକ ଯୋଜନା ପାଇଁ କେନ୍ଦ୍ରାପଡ଼ାର ଗ୍ରାମାଞ୍ଚଳର ଜନସାଧାରଣଙ୍କ ମନରେ ଖୁସିର ଲହରି ଖେଳିଯାଇଛି। ପଞ୍ଚାୟତର ଅର୍ଥନୀତିକୁ ଗତିଶୀଳ କରିବା ସହ ଗ୍ରାମାଞ୍ଚଳର ମହିଳାମାନଙ୍କୁ ସଶକ୍ତ କରିବା ଏବଂ ପର୍ଯ୍ୟଟନ ଓ ଆଞ୍ଚଳିକ ଅର୍ଥ ବ୍ୟବସ୍ଥାକୁ ଏହି ଲକ୍ଷ୍ମୀ ବସ୍ ଯୋଜନାରେ ପ୍ରୋତ୍ସାହନ ମିଳିବ ବୋଲି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଆଭାସୀ ମାଧ୍ୟମରେ ମତବ୍ୟକ୍ତ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶୁଭାରମ୍ଭ ଆଭାସୀ ମାଧ୍ୟମରେ କରାଯିବା ପରେ ବସ୍ ଗଡ଼ିଛି। ଏହି ଅବସରରେ ଭୁବନେଶ୍ୱରରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ଆଭାସୀ ମାଧ୍ୟମରେ ଯୋଗ ଦେଇଥିବା ବେଳେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀ, ପାଟକୁରା ବିଧାୟିକାଙ୍କ ପ୍ରତିନିଧି ସଞ୍ଜୟ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନିଲୁ ମହାପାତ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା ଓ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ ମଞ୍ଚାସୀନ ଥିଲେ। କେନ୍ଦ୍ରାପଡ଼ାକୁ ଶୀତତାପ ନିୟନ୍ତ୍ରଣ ବିହୀନ ୩୬ଟି, ଶୀତତାପ ନିୟନ୍ତ୍ରଣ ୮ଟି ଏବଂ ୩ଟି ସାଧାରଣ ଏହିଭଳି ୪୭ଟି ବସ୍ ଯୋଗାଇ ଦିଆଯିବାର ଲକ୍ଷ୍ୟ ମଧ୍ୟରୁ ଆଜି କେନ୍ଦ୍ରାପଡ଼ା କଲେଜ ସ୍ଥଳରୁ ୧୪ଟି ବସ୍ ଜିଲ୍ଲାର ବିଭିନ୍ନ ବ୍ଲକକୁ ଯାତ୍ରା ଆରମ୍ଭ କରିଛି ବୋଲି ଓଡ଼ିଶା ରାଜ୍ୟ ସଡକ ନିଗମର ମ୍ୟାନେଜର ସୂଚନା ଦେଇଛନ୍ତି। କେନ୍ଦ୍ରାପଡ଼ା କଲେଜ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିବହନ ଅଧିକାରୀ ଧିରେନ୍ଦ୍ର କୁମାର ନାୟକ ବିଭିନ୍ନ ବ୍ଲକର ବି.ଡି.ଓ, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ଅଙ୍ଗନବାଡିକର୍ମୀ, ମିଶନ ଶକ୍ତିର ସଦସ୍ୟା ଓ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ।

## ବ୍ରାହ୍ମଣଙ୍କ ସମସ୍ୟା ନେଇ ଆଲୋଚନା

**ମାର୍ଶାଘାଇ, ୧୬ା୨(ସମିସ):** ଆଜି ଓଡ଼ିଶା ବ୍ରାହ୍ମଣ ମହାସଂଘ ତରଫରୁ ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ବଟିରା ପଞ୍ଚାୟତ ରାମଚନ୍ଦ୍ରପୁର ଗ୍ରାମର ଗ୍ରାମଦେବତୀ ବଜ୍ରସୁନା ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ସଭାପତି ଦୁଃଶାସନ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଉପଦେଷ୍ଟା ବେଦ ବାଚସ୍ପତି ପଣ୍ଡିତ ଶାସ୍ତ୍ର ବିଶାରଦ ପଣ୍ଡିତ ଭବାନୀକାନ୍ତ ଶତପଥୀ, ପ୍ରଦୀପ୍ତ କୁମାର ନନ୍ଦ, କୋଷାଧ୍ୟକ୍ଷ ଶାନ୍ତନୁ କୁମାର ତ୍ରିପାଠୀ, ପ୍ରତାପ କୁମାର ଶତପଥୀ ଉପସ୍ଥିତି ସଭାକୁ ପଥ ପ୍ରଦର୍ଶନ କରିଥିଲେ। ରୋଗ ଶଯ୍ୟାରେ ପଡ଼ିଥିବା ବ୍ରାହ୍ମଣ ଦେବତାମାନଙ୍କୁ ସଂଘ ସଦାସର୍ବଦା ସହାୟତା କରିବାକୁ ବୈଠକରେ ସ୍ଥିର କରାଯାଇଥିଲା। ସର୍ବସମ୍ମତ କ୍ରମେ ସେ ଅଞ୍ଚଳର ବିଶ୍ୱଜିତ୍ ଚଇନିଙ୍କୁ ସଭାପତି ଭାବେ ଦାୟିତ୍ୱ ଦିଆଗଲା। ତାଙ୍କ ଦ୍ୱାରା ସେ ଅଞ୍ଚଳର କମିଟି ଗଠନ କରିବାକୁ ସ୍ଥିର କରାଗଲା। କିପରି ଆଞ୍ଚଳିକ ସମସ୍ୟାର ସରଳ ସମାଧାନ ହୋଇ ପାରିବ, ବ୍ରାହ୍ମଣ ପୁତ୍ର, କନ୍ୟାମାନଙ୍କର ବ୍ରାହ୍ମଣ ଘରେ କିପରି ବିବାହ ହୋଇ ପାରିବା ସହ ସଂଘ କିପରି ମଜଭୁତ ହୋଇପାରିବ ଆଲୋଚନା ହୋଇଥିଲା। ବାଲିଗୁଡା ଆଞ୍ଚଳିକ କମିଟି, ଉକ୍ତ ବୈଠକ ପାଇଁ ଦୁଇ ହଜାର ଏକ ଟଙ୍କା ପ୍ରଦାନ କରିଥିଲେ। ବୈଠକରେ ଉପସ୍ଥିତ ଆଞ୍ଚଳିକ କମିଟିକୁ ସଂଘର ସଭାପତି ଶ୍ରୀଯୁକ୍ତ ଶତପଥୀ ସେ ଅଞ୍ଚଳର କମିଟିକୁ ଅର୍ପଣ କରିଥିଲେ। ବୈଠକକୁ ଦିଲ୍ଲୀପ କୁମାର ଆଚାର୍ଯ୍ୟ, ସଚିତ୍ର ଶତପଥୀ, ସୌଭାଗ୍ୟ ପଣ୍ଡା ଆୟୋଜନ କରିଥିଲେ। ବୈଠକରେ କେନ୍ଦ୍ରାପଡ଼ା ଜିଲ୍ଲାର ବଳଦେବଜୀଉ ନିକଟରୁ ସଂସ୍କୃତ ପଣ୍ଡିତ ଅକ୍ଷୟ କୁମାର ପତ୍ରୀ ଅତି ସରଳ ସୁନ୍ଦର ଭାଷାରେ ବ୍ରାହ୍ମଣ ଦେବତାମାନଙ୍କ ମଧ୍ୟରେ କିପରି ଭାଇ ଚାରା ସୃଷ୍ଟି ହୋଇ ପାରିବ ବୁଝାଇଥିଲେ।

## ଯୁକ୍ତ ଦୁଇ ବାର୍ଷିକ ପରୀକ୍ଷା ଆରମ୍ଭ

# +୨ ବିଜ୍ଞାନର ମାତୃଭାଷା ଓଡ଼ିଆରେ ୭୭୪ ପରୀକ୍ଷାର୍ଥୀ

**କେନ୍ଦ୍ରାପଡ଼ା, ୧୬ା୨(ସମିସ):** କେନ୍ଦ୍ରାପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଜି +୨ ପରୀକ୍ଷା ଆରମ୍ଭ ହୋଇଛି। ପ୍ରଥମ ଦିନରେ +୨ ବିଜ୍ଞାନର ମାତୃଭାଷା ଓଡିଆ ବିଷୟରେ ୭୭୫ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ସେମାନଙ୍କ ମଧ୍ୟରୁ କେନ୍ଦ୍ରାପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୫୧୦ଜଣ ଛାତ୍ରଛାତ୍ରୀ ଥିବାବେଳେ ୨୬୪ଜଣ ହେଉଛନ୍ତି ଅନ୍ୟ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୁଡିକର। ଏହି ପରୀକ୍ଷା କେନ୍ଦ୍ରର ଅଧିକ୍ଷକ ଭାବେ ପ୍ରଫେସର ଅଶୋକ କୁମାର ଦାସ ରହିଥିବା ବେଳେ ଡେପୁଟି ଅଧିକ୍ଷକ ଭାବେ ପ୍ରଫେସର ଡ. ବାସନ୍ତୀ ଶୁକ୍ଲା, ପ୍ରଫେସର ସତ୍ୟରଞ୍ଜନ ମିଶ୍ର, ପ୍ରଫେସର ବିକାଶ କୁମାର ନାୟକ ଓ ପ୍ରଫେସର ସୁବ୍ରତ ପାତ୍ର ଦାୟିତ୍ୱ ନିର୍ବାହ କରୁଛନ୍ତି। କେନ୍ଦ୍ରାପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ହୋଇଥିବା ପ୍ରଶ୍ନପତ୍ର ହବ୍‌ର ସୁପରଭାଇଜର ଭାବେ ପ୍ରଫେସର ବିଶ୍ୱରଞ୍ଜନ ପୁହାଣ ଏବଂ ଡେପୁଟୀ ସୁପରଭାଇଜର ଭାବେ ପ୍ରଫେସର ଡ. ରେବତୀ କର ରହିଛନ୍ତି। ଏହି ପରୀକ୍ଷା କେନ୍ଦ୍ରର ୧୩ଟି ହଲରେ ହେଉଥିବା ଆଜିର +୨ ପରୀକ୍ଷାରେ ୪୦ଜଣ ଇନଭିଜିଲେଟର ଦାୟିତ୍ୱ ନିର୍ବାହ କରୁଥିବା ବେଳେ ୫ଜଣ ରିଲିଭର କାର୍ଯ୍ୟ କରୁଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ରାଜସ୍ୱ ନିରୀକ୍ଷକ ଅନିତା ତରାଇ ଏହି ପରୀକ୍ଷା କେନ୍ଦ୍ରରେ ଉପସ୍ଥିତ ଥିବାବେଳେ ତାଙ୍କ ଉପସ୍ଥିତିରେ ପ୍ରଶ୍ନପତ୍ର ପ୍ୟାକେଟ୍ ଖୋଲାଯିବା ସହ ପରୀକ୍ଷା ଖାତା ଗୁଡିକ ମଧ୍ୟ ସିଲ କରାଯାଇଛି। ପରୀକ୍ଷା ଆରମ୍ଭ ହେବା ପୂର୍ବରୁ ଏହି ପରୀକ୍ଷା କେନ୍ଦ୍ରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ପଲ୍ଲବୀ ପ୍ରିୟଦର୍ଶିନୀ, ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ ଓ କେନ୍ଦ୍ରାପଡ଼ା ମଣ୍ଡଳ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଦଳାଇ ପ୍ରମୁଖ ପହଞ୍ଚି ସେଠାରେ ପ୍ରାୟ ଏକଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଅବସ୍ଥାନ କରି ପରୀକ୍ଷା ହଲ ଗୁଡିକର ନିରୀକ୍ଷଣ କରିଥିଲେ। ଶାନ୍ତିଶୃଙ୍ଖଳାର ସହିତ ଏହି ପରୀକ୍ଷା କେନ୍ଦ୍ରରେ ଆଜି ପରୀକ୍ଷା ଶେଷ ହୋଇଥିବା କେନ୍ଦ୍ର ଉପ ଅଧିକ୍ଷକ ଡ. ଶୁକ୍ଲା କହିଛନ୍ତି।

# ପଞ୍ଚାୟତ ଓ ମିଶନ ଶକ୍ତି ଗୃହ ଉଦ୍‌ଘାଟିତ



**ଆଳି, ୧୬ା୨(ସମିସ):** ଆଳି ବ୍ଲକ ଅରେହିକଣା ପଞ୍ଚାୟତର ନୂତନ ଗୃହ ଓ ମିଶନ ଶକ୍ତି ଗୃହକୁ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଛନ୍ତି। ଏହି ଅବସରରେ ପଞ୍ଚାୟତ ପକ୍ଷରୁ ଆୟୋଜିତ ମୋ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମରେ ମନ୍ତ୍ରୀ ଯୋଗଦେଇ ସେ ପ୍ରଥମ ଥର ବିଧାୟକ ହେବା ସମୟରେ ଅରେହିକଣା ପଞ୍ଚାୟତର ଅବସ୍ଥା ଯାହା ଥିଲା ଆଜି ସମ୍ପୂର୍ଣ୍ଣ ଚିତ୍ର ବଦଳି ଯାଇଛି ବୋଲି ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ମଞ୍ଚରେ କୃତି ଛାତ୍ରଛାତ୍ରୀ ଓ ବିଭିନ୍ନ ପ୍ରତିଭାଙ୍କୁ ମନ୍ତ୍ରୀ ଶ୍ରୀ ଦେବ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଆଳି ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ, ଜିଲ୍ଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତି, ସ୍ୱାଗତିକା ରାଉତ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ବିଜେଡି ସଭାପତି ସନାତନ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ସରପଞ୍ଚ ହିମାଂଶୁ ପଣ୍ଡା, ସମିତିସଭ୍ୟ ଭରତ ଚନ୍ଦ୍ର ଷଢଙ୍ଗୀ, କୁନା ବରାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରୁଦ୍ର-ଶାଳିନୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ଆଳି, ୧୬ା୨(ସମିସ):** ଆଳି ମିଲବଜାର ଖେଳ ପଡ଼ିଆଠାରେ ଚତୁର୍ଥ ରୁଦ୍ର ଶାଳିନୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଲୋକାପଡ଼ା ଗ୍ରାମର ଯୁବ ସମାଜସେବୀ ରାକେଶ ରାୟଙ୍କ ପୁଅ ରୁଦ୍ର ଓ ଝିଅ ଶାଳିନୀଙ୍କ ଜନ୍ମ ଦିନ ଅବସରରେ ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଚାରିବର୍ଷ ହେବ ଆୟୋଜିତ ହୋଇଆସୁଛି। ଟୁର୍ଣ୍ଣାମେଣ୍ଟକୁ ଅବସରପ୍ରାପ୍ତ ସେନା କର୍ମଚାରୀ ପ୍ରଫୁଲ୍ଲ କୁମାର ରାୟ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ୧୨ଟିମ ମଧ୍ୟରେ ୬ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ରାଧାନଗର ଓ କଳାପାହାଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିବାବେଳେ ରାଧାନଗର ୮୩ରନ କରିଥିବା ବେଳେ କଳାପାହାଡ଼ ୪୧ରନ କରି ମ୍ୟାଚ ହାରି ଯାଇଥିଲା। ସେହିପରି ମୂଳସାହି ୬୪ରନ କରିଥିବା ବେଳେ ଚଣ୍ଡିଆଗଡ଼ି ୬୫ରନ କରି ବିଜୟ ଲାଭ କରିଛି। ଦେମାଳ ଟିମ ୯୦ରନ କରିଥିବା ବେଳେ ବେତା ୭୬ ରନ୍ କରି ମ୍ୟାଚ ହାରିଯାଇଛି। କୋଳିଡିହ ୪୨ ରନ କରିଥିବା ବେଳେ ନିଆଳ ୪୩ ରନ କରି ମ୍ୟାଚ ବିଜୟ ଲାଭ କରିଛି। ଗିରିବନ୍ଧ ୭୩ ରନ କରିଥିବା ବେଳେ ଖରାଖାଇ ୭୭ରନ କରି ବିଜୟଲାଭ କରିଛି। ଶେଷ ମ୍ୟାଚ ନଳଦିଆ ଓ ପୋଡାମରାଇ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନଳଦିଆ ୬ ଓଭରରେ ୧୦୫ରନ କରିଥିବା ବେଳେ ପୋଡାମରାଇ ୬୮ ରନ କରି ମ୍ୟାଚ ହାରି ଯାଇଥିଲା। ଏହି ଖେଳକୁ ପ୍ରତାପ ରାୟ ଓ ମନୋଜ ସିଂହ ଅମ୍ପାୟାର ଭାବେ ପରିଚାଳନା କରିଥିଲେ।

# ବୀଣାପାଣି କଳାନିକେତନର ବାର୍ଷିକ ଉତ୍ସବ

**ପଟ୍ଟାମୁଣ୍ଡାଇ ୧୬ା୨(ସମିସ):** ପଟ୍ଟାମୁଣ୍ଡାଇ ମଦନପୁର ଅଗ୍ରଣୀ କଳା ଶିକ୍ଷାନୁଷ୍ଠାନ ବୀଣାପାଣି କଳା ନିକେତନ ପକ୍ଷରୁ ବାର୍ଷିକ ଉତ୍ସବ ମଦନପୁର ଯଜ୍ଞ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଗାଳ୍ପିକ ପ୍ରଦୀପ ନାୟକ ସଭାପତିତ୍ୱ କରିଥିବାବେଳେ ରାଜନଗର ଜଗନ୍ନାଥ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଅତୁଳ ବଳ, କବି ସଚ୍ଚିତ୍ର ବେହୁରା, ଅଧ୍ୟାପିକା ଭଗବତୀ ରାଉତ, ପତ୍ରକାର ଭାସ୍କର ଚନ୍ଦ୍ର ରାଉତରାୟ, କବି ସୁଶାନ୍ତ ଦାଶ, ଓସ୍ତିଆ ବନ୍ଧପାଟଣା ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କବି ପ୍ରମୋଦ ସେଠୀ ଓ ପୁଣ୍ୟତୋୟା ବିଦ୍ୟାମନ୍ଦିରର ଅଧ୍ୟକ୍ଷା ସୁଜାତା ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ଉତ୍କଳର କଳା, ସଂସ୍କୃତି ଓ ଉତ୍କଳୀୟ ପରମ୍ପରା ଉପରେ ଉଦ୍‌ବୋଧନ ଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ରାଜେଶ ଲେଙ୍କା ସ୍ୱାଗତ ଅଭିଭାଷଣ, ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ଉତ୍ସବରେ ଯୁବ ଚିତ୍ରଶିଳ୍ପୀ ସୌମ୍ୟରଞ୍ଜନ ବଳ, ନୃତ୍ୟଗୁରୁ ଦୀପକ ସାହୁ, ଚିତ୍ରଗୁରୁ ରମେଶ ଚନ୍ଦ୍ର ସ୍ୱାଇଁ, ସଙ୍ଗୀତଗୁରୁ ଜ୍ଞାନରଞ୍ଜନ ବେହୁରା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଉପଦେଷ୍ଟା ପବିତ୍ର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

## ମାର୍ଚ୍ଚ ୯ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**କେନ୍ଦ୍ରାପଡ଼ା, ୧୬ା୨(ସମିସ):** ଜିଲ୍ଲା ଆଇନ ସେବା ପ୍ରାଧିକରଣ କେନ୍ଦ୍ରାପଡ଼ା ତରଫରୁ ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ମାସ ୯ ତାରିଖ ଶନିବାର ଦିନ କେନ୍ଦ୍ରାପଡ଼ା ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜ ବିଶ୍ୱଜିତ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେବ। ଏହି ଲୋକ ଅଦାଲତକୁ ପ୍ରାଧିକରଣର ସଚିବ ସୁମିତ୍ରା ସାହୁ ପରିଚାଳନା କରିବେ ଓ ଆଇନ ସେବା ପ୍ରାଧିକରଣ ତରଫରୁ ବିଶେଷ ସୂଚନା ଦିଆଯାଉଛି ଯେ ଯଦି କୌଣସି ବ୍ୟକ୍ତିଙ୍କର କୋର୍ଟରେ କୌଣସି ମକୋଦ୍ଦମା ବିଚାରଧୀନ ରହିଛି କିମ୍ବା କୌଣସି ବିବାଦ ଅଛି, ତାହାହେଲେ ଉକ୍ତ ବିବାଦର ସହଜ ଏବଂ ଆପୋଷ ସହମତିର ସମାଧାନ ପାଇଁ ରାଷ୍ଟ୍ରୀୟ ଲୋକ ଅଦାଲତରେ ସହାୟତା ନିଅନ୍ତୁ ଓ ଏହି ଲୋକ ଅଦାଲତ ଆସନ୍ତା ମାର୍ଚ୍ଚ ୯ରେ ପ୍ରତ୍ୟେକ ଜିଲ୍ଲା ସ୍ତରୀୟ ଏବଂ ତାଲୁକସ୍ତରୀୟ ବିଚାରବିଭାଗୀୟ କୋର୍ଟ ପରିସରରେ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରଧୀନ ମକଦ୍ଦମାର ଆପୋଷ ବୁଝାମଣା ଆପୋଷ ସହମତିରେ କରାଯାଇପାରିବ। କେବଳ ବିଚାରଧିନ ମକାଦମା ନୁହେଁ, ପ୍ରାକ -ମକାଦମା ସ୍ତରୀୟ (କଚେରୀରେ ଦାୟର ହୋଇଥିବା ) ବିଚାର ହୋଇ ଉକ୍ତ ବିବାଦର ସମାଧାନ ହୋଇ ପାରିବ। ଅଧିକ ବିବରଣୀ ପାଇଁ ଜିଲା ଆଇନ ସେବା ପ୍ରାଧିକରଣ ସହିତ ଯୋଗାଯୋଗ କରିବାକୁ ନିବେଦନ କରାଯାଇଛି।

# ମୋଦି ସରକାରଙ୍କ ଜନବିରୋଧୀ ନୀତି ବିରୁଦ୍ଧରେ ଧର୍ମଘଟ

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଓ ବିଭିନ୍ନ ବ୍ଲକ୍‌ରେ ରାସ୍ତାରୋକ




**କେନ୍ଦ୍ରାପଡ଼ା, ୧୬ା୨(ସମିସ)**

କେନ୍ଦ୍ରର ମୋଦି ସରକାରଙ୍କ ବିଭିନ୍ନ ଜନବିରୋଧୀ ନୀତି ବିରୁଦ୍ଧରେ ଦେଶର ଅଧିକାଂଶ କୃଷକ, ଶ୍ରମିକ ଓ କର୍ମଚାରୀ ସଂଗଠନମାନଙ୍କ ପକ୍ଷରୁ ଦିଆଯାଇଥିବା ସାଧାରଣ ଧର୍ମଘଟ ଓ ଗ୍ରାମୀଣ ଭାରତ ବନ୍ଦ ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଅଫିସ ସମ୍ମୁଖରେ ଗଣଧାରଣା ସହିତ ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ରାସ୍ତାରୋକ ହୋଇଛି। ସଂଯୁକ୍ତ କିଷାନ ମୋର୍ଚ୍ଚା, କେନ୍ଦ୍ରୀୟ ଟ୍ରେଡ଼ ୟୁନିୟନମାନଙ୍କ ମିଳିତ ମଞ୍ଚ ଓ ସ୍ୱାଧୀନ ଫେଡରେସନ ସମୂହ ପକ୍ଷରୁ ଆହୁତ ଗଣଧାରଣା ଅପରାହ୍ନ ପର୍ଯ୍ୟନ୍ତ ଚାଲୁ ରହିଥିଲା। ଶ୍ରମିକ ନେତା ବାବାଜୀ ଧଳ, ଏଲିନା ସାମନ୍ତରାୟ, କୃଷକ ନେତା ନାରାୟଣ ପରିଡ଼ାଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ଦ୍ୱାରା ପରିଚାଳିତ ଗଣଧାରଣା ସଭାରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଜିଲ୍ଲା କଂଗ୍ରେସ ସଭାପତି ଲୋକନାଥ ମହାରଥୀ, ସିପିଆଇ(ଏମ୍) ଜିଲ୍ଲା ସମ୍ପାଦକ ଗୟାଧର ଧଳ, ସିପିଆଇ ଜିଲ୍ଲା ସମ୍ପାଦକ ରମଣୀ ରଞ୍ଜନ ରାଉତରାୟ, ଆପ ଜିଲ୍ଲା ସମ୍ପାଦକ ସୂର୍ଯ୍ୟକାନ୍ତ ପରିଡ଼ା ପ୍ରମୁଖଙ୍କ ସମେତ ସଂଯୁକ୍ତ କିଷାନ ମୋର୍ଚ୍ଚା ଆବାହକ ମଣ୍ଡଳୀ ସଦସ୍ୟ ଆଦିକନ୍ଦ ରାଉଳ, ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଫକୀର ଚରଣୁଆ, ଆଇଏନ୍‌ଟିୟୁସି ଜିଲ୍ଲା ସଭାପତି ମୁକ୍ତାର ଖାଁ, ସିଟୁ ଜିଲ୍ଲା ସମ୍ପାଦକ ଜଗତ ଜିବନ ଦାଶ, ଜିଲ୍ଲା ବିକାଶ ସମ୍ମୁଖ୍ୟ ସମ୍ପାଦକ ଅଜୟ ସାମଲ, ପୂର୍ବତନ ନଗରପାଳ ଆକବର ଅଲ୍ଲୀ, ଓଡ଼ିଶା କୃଷକ ସଭା ନେତା ରମେଶ ପ୍ରଧାନ, କିଷାନ କଂଗ୍ରେସ ନେତା ମହେନ୍ଦ୍ର ପରିଡ଼ା, ଶ୍ରମିକ ନେତା ସୌମ୍ୟକାନ୍ତ ଧଳ, ବିକାଶ ବେହୁରା, ମାଧବ ଦାସ, କ୍ରାନ୍ତିପ୍ରଭା ନାୟକ, ସୋହାନା ବିବି, ଯୁବନେତା ନନ୍ଦିନୀ ନାୟକ ପ୍ରମୁଖ କେନ୍ଦ୍ର ସରକାରଙ୍କ କୃଷକ-ଶ୍ରମିକ ମାରଣ ନୀତିର ତୀବ୍ର ସମାଲୋଚନା କରିଥିଲେ। ଏଥିସହିତ ଦିଲ୍ଲୀ ସୀମାରେ ଆନ୍ଦୋଳନରତ କୃଷକଙ୍କ ଉପରେ ଚଳାଇଥିବା ବର୍ବର ଆକ୍ରମଣକୁ ତୁରନ୍ତ ବନ୍ଦ କରିବା ସଙ୍ଗେ ସଙ୍ଗେ ସମସ୍ତ ଫସଲ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟର ଗ୍ୟାରେଣ୍ଟି ଆଇନ ପାଇଁ ଦାବି କରିଥିଲେ। ପ୍ରଧାନ ମନ୍ତ୍ରୀ ତାଙ୍କର କର୍ପୋରେଟ ବନ୍ଧୁମାନଙ୍କ ସହଯୋଗରେ ଜନ ଆନ୍ଦୋଳନକୁ ଦମନ କରି ଦେଶର ଧର୍ମୀୟ ଧ୍ରୁବିକରଣ ସହିତ ଗଣତନ୍ତ୍ର ଓ ସାମ୍ବିଧାନିକ ବିଧି ବ୍ୟବସ୍ଥାକୁ ଧ୍ୱଂସ କରିବାକୁ ଯେଉଁ ଉଦ୍ୟମ କରୁଛନ୍ତି ଏଥିରୁ ବିରତ ନହେଲେ ଆଗାମୀ ସାଧାରଣ ନିର୍ବାଚନରେ ଜନତା ତାଙ୍କୁ ଗାଦିଚ୍ୟୁତ କରିବାପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ।

# କେନ୍ଦ୍ର ସରକାରଙ୍କ ବିରୋଧରେ ଟ୍ରେଡ଼ ୟୁନିଅନ୍‌ର ଧର୍ମଘଟ



**ରାଜକନିକା, ୧୬ା୨(ସମିସ):** ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରର ଚାଷୀ ମାରଣ, କର୍ପୋରେଟ ଏବଂ ସାମ୍ପ୍ରଦାୟିକ ଶକ୍ତିକୁ ସୁହାଇବା ଭଳି ନୀତିଙ୍କ କୁଚକ୍ର ଜରିଆରେ ଦେଶର ଅମୂଲ୍ୟ ସମ୍ପଦ ବିକ୍ରୀ, ରାଷ୍ଟ୍ରାୟତ ଉଦ୍ୟୋଗ ଗୁଡିକର ଘରୋଇକରଣ, ବିକ୍ରୀ ପ୍ରତିବାଦରେ ଆଜି ତମାମ ଦେଶରେ ହରତାଳ କରାଯାଇଛି। ରାଜକନିକାରେ ଏହି ଧର୍ମଘଟକୁ ସମର୍ଥନ ଦେଇ ଓଡ଼ିଶା କୃଷକ ସଭା, ନବନିର୍ମାଣ କୃଷକ ସଂଗଠନ, କଂଗ୍ରେସ ସହ ବିଭିନ୍ନ ଟ୍ରେଡ଼ ୟୁନିଅନ ଏଥିରେ ସାମିଲ ହୋଇ ଚନ୍ଦନ ପୋଖରୀ ଛକରେ ପ୍ରତୀକ ଧର୍ମଘଟ କରିଥିଲେ। କୃଷକ ନେତା କାଳୀପ୍ରସାଦ ନାୟକ, ଦାମୋଦର ଧଳ, ଭରତ ଦାସ, ନୃସିଂହ ତରାଇ, କଂଗ୍ରେସର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ବ୍ଲକ କଂଗ୍ରେସ ସଭାପତି ମଙ୍ଗୁଳି ଚରଣ ବେହେରା, ପ୍ରମୋଦ ପତି, ପ୍ରଫୁଲ ପୃଷ୍ଟିଙ୍କ ସମେତ ବିଭିନ୍ନ ୟୁନିଅନର ସଦସ୍ୟ ନାରାବାଜି କରି ଧର୍ମଘଟରେ ସାମିଲ ହୋଇଥିଲେ।

**AFFIDAVIT**

By virtue of an affidavit sworn before the Executive Magistrate, Cuttack, I, Nilam, W/O- Pankaj Periwal,Resident of Flat No-11, Shantiniketan Apartment, Jholasahi, PS-Purighat, Dist-Cuttack, Odisha declare by this affidavit no.12125 dtd 22.12.2023 that now onwards I shall be known as **Nilam Periwal** for all future purposes.




# ନିମ୍ନମାନର ବସ୍‌ଷ୍ଟାଣ୍ଡ; ତଦନ୍ତ ଦାବି

**ପଞ୍ଚୁପାଣ୍ଡବ, ୧୬ା୨(ସମିସ):** ଡେରାବିଶ ବ୍ଲକ ଅନ୍ତର୍ଗତ ରଘୁଦେଇପୁର ଓ ବେଣିପୁର ପଞ୍ଚାୟତର ବସ୍‌ଷ୍ଟାଣ୍ଡ କାର୍ଯ୍ୟ ନିମ୍ନମାନର ହେଉଥିବାରୁ ଗ୍ରାମବାସୀ ଏହାର ତଦନ୍ତ ଦାବି କରିଛନ୍ତି। ଠିକାଦାର ବା କୌଣସି ଅଧିକାରୀ ରହୁନଥିବାରୁ ବାଲି ସିମେଣ୍ଟକୁ ଭଲ ଭାବରେ ଫେଣ୍ଟା ଯାଉନାହିଁ। ଡିପିସି ଢ଼ଳେଇ ପାଞ୍ଚ ଇଞ୍ଚିଆ, ଏଥିସହିତ କାନ୍ଥରେ ପାଣିନ ଦେଇ କାମ ଗୁଡ଼ିକ ଭଲଭାବେ ହେଉନଥିବା ଅଭିଯୋଗ ହୋଇଛି। ଏଥିସହିତ ସୂଚନା ଫଳକ ମଧ୍ୟ ଲଗାଯାଉନାହିଁ। ଏହି ପଞ୍ଚାୟତର କାମକୁ ଅଲଗା ପଞ୍ଚାୟତର ଠିକାଦାରଙ୍କୁ ଦେଇ ଏହି ପଞ୍ଚାୟତର କିଛି କୁଜିନେତା ଓ ଠିକାଦାର ମିଶି ମାଲେମାଲ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରି ନିୟମ ଅନୁଯାୟୀ କାମ କରିବାକୁ ଦାବି କରିଛନ୍ତି ଗ୍ରାମବାସୀ।

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଡିମାଣ୍ଡ ନୋଟିସ୍**

**ସିକ୍ୟୁରିଟି ଇଣ୍ଟରେଷ୍ଟର ଏନ୍‌ଫୋର୍ସମେଣ୍ଟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ ର ଧାରା ୧୩(୨) ଅନୁଯାୟୀ ନୋଟିସ୍**

ବ୍ୟାଙ୍କ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ବିଭିନ୍ନ ସମୟରେ ନିମ୍ନସାରଣୀରେ ଦର୍ଶିତ ଋଣ ପ୍ରଦାନ କରିଥିଲା ଏବଂ ଉକ୍ତ ଋଣ ରାଶିର ବକେୟା ପରିମାଣ ଯଥା ସମୟରେ ପୈଠ ନକରିବାରୁ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ,** କନ୍ଦରପୁର ଶାଖାର ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷଙ୍କୁ ପ୍ରଦାନ କରାଯାଇପାରିନଥିଲା। ତେଣୁ ସେଗୁଡିକର ବିଷୟବସ୍ତୁ ସହିତ ବକେୟା ଦେୟ, ଋଣ ପରିମାଣ ଏବଂ ସୁରକ୍ଷିତ ସମ୍ପତ୍ତିର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

| କନ୍ଦରପୁର ଶାଖା / ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ପ୍ରକାର / ଋଣ ପରିମାଣ | ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ | ସରଫେଶୀ ଆକ୍ଟ ଅନୁଯାୟୀ ନୋଟିସ୍ ପ୍ରଦତ୍ତ ରାଶିର ପରିମାଣ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|---|
| ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ଲଳିତ ମୋହନ ପ୍ରଧାନ, ପିତା: ସ୍ୱ ଅରୁଣ କୁମାର ପ୍ରଧାନ / ସହ-ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ଆଶିଷ ପ୍ରଧାନ, ପିତା: ସ୍ୱ ଅରୁଣ କୁମାର ପ୍ରଧାନ, ଉଭୟଙ୍କ ଠିକଣା- ସା: ଦଣ୍ଡୁଆସିପଡା, ପୋ: ଆୟତପୁର, କଟକ-୭୫୪୧୩୧ | ଗୃହ ଋଣ- ୫୩୭୦୭୫୧୧୦୦୦୦୦୦୧୦ /ଟ.୬,୫୦,୦୦୦/- | ୨୮.୦୧.୨୦୨୪ / ୦୭.୦୨.୨୦୨୪ | ଟ.୬,୨୦,୭୩୭/- + ସେବାବଦ୍ ସୁଧ ଏବଂ ଖର୍ଚ୍ଚ | ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ମୌଜା: ବ୍ରାହ୍ମଣବାଡ, ପୁରୁଣା ଖାତା ନଂ.: ୨୭୦, ମ୍ୟୁଟେସନ୍ ଖାତା ନଂ.: ୪୬୩୭୮, ପ୍ଲଟ୍ ନଂ.: ୧୦୦୬, ପରିମିତ କ୍ଷେତ୍ର: ଏକର୦.୦୫୦ଡିସିମିଲି ଯଥା ୨୧୭୮ ବର୍ଗଫୁଟ, ଥାନା: କଟକ ସଦର ୯୬, ତହସିଲ ନଂ.: କଟକ-୨୯୯, ଜିଲ୍ଲା: କଟକ, ଏହାର ଚଉହଦି- ଉତ୍ତର: ଶିବ ଚରଣ ଜେନା, ଦକ୍ଷିଣ: କେନାଲ, ପୂର୍ବ: ନରେନ୍ଦ୍ର ଜେନା, ପଶ୍ଚିମ: ରାସ୍ତା |

ଉପରଦର୍ଶିତ **କନ୍ଦରପୁର ଶାଖାର** ଋଣଗ୍ରହୀତା/ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତାମାନେ ମୂଳଋଣ କିସ୍ତି ସୁବିଧା ସୁଧ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି, ତେଣୁ ଭାରତୀୟ ରିଜର୍ଭ ବ୍ୟାଙ୍କର ମାର୍ଗଦର୍ଶିକା ଅନୁସାରେ ଆମ ବ୍ୟାଙ୍କ ଦ୍ୱାରା ତାଙ୍କର ଆକାଉଣ୍ଟକୁ ଅଣକାର୍ଯ୍ୟକାରୀ ସମ୍ପତ୍ତି (NPA)ରେ ପରିଣତ କରାଯାଇଛି। ଆମର ବାରମ୍ୱାର ଡିମାଣ୍ଡ ସତ୍ତ୍ୱେ ଆପଣ ଆପଣଙ୍କର ଆକାଉଣ୍ଟରେ ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣ ନିଜକୁ ଦେୟମୁକ୍ତ କରୁନାହାନ୍ତି। ତେଣୁ ଆମେ କଥିତ ଆକ୍ଟର ଧାରା ୧୩(୨) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ଅନୁସାରେ ଡିମାଣ୍ଡ ନୋଟିସ୍ ପ୍ରକାଶନ ନିମନ୍ତେ ବାଧ୍ୟ ହେଉଛୁ। ଏତଦ୍‌ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି ଆପଣ ନୋଟିସ୍ ତାରିଖ ଠାରୁ ୬୦ ଦିନ ମଧ୍ୟରେ ଉପର କଥିତ ବକେୟା ଦେୟ ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ, ଆନୁସଙ୍ଗିକ ଖର୍ଚ୍ଚ, ଦେୟ ଇତ୍ୟାଦି ପ୍ରଦାନ କରିବେ, ଅନ୍ୟଥା ଆମେ କଥିତ ଆକ୍ଟର ଧାରା ୧୩(୪) ଅନୁସାରେ ଆପଣଙ୍କର ସମସ୍ତ କିମ୍ବା ଯେକୌଣସି ଏକ କିମ୍ବା ଅଧିକ ସୁରକ୍ଷିତ ସମ୍ପତ୍ତିକୁ ଦଖଲ କରି ବିକ୍ରୟ କରିବାକୁ ବାଧ୍ୟ ହେବୁ। ଯଦି ସୁରକ୍ଷିତ ସମ୍ପତ୍ତି ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଦ୍ୱାରା ସମ୍ପୂର୍ଣ୍ଣ ବକେୟା ପରିମାଣ ଆଦାୟ ହୋଇନପାରଲା ତେବେ ବ୍ୟାଙ୍କ ଅଦାଲତ / ଋଣ ଆଦାୟ ପ୍ରାଧିକରଣରେ ଆପଣଙ୍କ ବିରୁଦ୍ଧରେ ମୋକଦ୍ଦମା ଦାଏର କରି ଉପରୋକ୍ତ ବକେୟା ରାଶି ଆଦାୟ କରିବାର ଅଧିକାର ସଂରକ୍ଷିତ ରଖିଅଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ କଥିତ ସରଫେଶୀ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ସମ୍ପତ୍ତିର ବିକ୍ରୟ କିମ୍ବା ସର୍ବସାଧାରଣରେ ନିଲାମ ନିମନ୍ତେ ସର୍ବସାଧାରଣଙ୍କ ଠାରୁ କୋଟେସନ୍ କିମ୍ବା ଟେଣ୍ଡର ଆହ୍ୱାନ କିମ୍ବା ଘରୋଇ ଚୁକ୍ତି ମାଧ୍ୟମରେ ଲିଜ୍, ଆସାଇନମେଣ୍ଟ ଦ୍ୱାରା ସମ୍ପତ୍ତି ହସ୍ତାନ୍ତରିତ ନିମନ୍ତେ ସର୍ବସାଧାରଣ ବିଜ୍ଞପ୍ତି ପ୍ରକାଶନ ତାରିଖର ଯେକୌଣସି ସମୟ ପୂର୍ବରୁ ବ୍ୟାଙ୍କର ସମସ୍ତ ଦେୟ ସହିତ ଆଇନଗତ ଖର୍ଚ୍ଚ ଓ ଆନୁସଙ୍ଗିକ ଖର୍ଚ୍ଚ ପ୍ରଦାନ କରି ଋଣମୁକ୍ତ ହେବାର ଅଧିକାର ଆପଣଙ୍କ ପାଇଁ ଉପଲବ୍ଧ ରହିଛି। ଅବଗତ କରାଗଲା କି କଥିତ ଆକ୍ଟର ଉପଧାରା (୧୩) ଅନୁଯାୟୀ ଏହି ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ଆପଣ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରୟ, ଲିଜ, ଲାଇସେନ୍ସ, ଦାନ, ବନ୍ଧକ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତର କିମ୍ବା ଏନକମ୍ବ୍ରାନ୍ସ ସୃଷ୍ଟି କରିବାକୁ ନିଷେଧ କରାଯାଉଛି। **ଏହି ବିଜ୍ଞପ୍ତି କୌଣସି ଆଇନ ବଳରେ ବ୍ୟାଙ୍କ ଅଧିକାର କ୍ଷୁର୍ଣ୍ଣ ନକରି ଜାରି କରାଯାଇଛି।**

**ତାରିଖ: ୧୬.୦୨.୨୦୨୪, ସ୍ଥାନ : ଭୁବନେଶ୍ୱର**

**କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ**

# ବିଜେଡିରେ ଯୋଗଦେଲେ ଡାକ୍ତର ଅବିନାଶ ସାମଲ



**ଭୁବନେଶ୍ୱର, ୧୬ ।୨(ସମିସ):** : ଢେଙ୍କାନାଳ ଜିଲ୍ଲା ଖଡ଼ଗପ୍ରସାଦର ଡାକ୍ତର ଅବିନାଶ ସାମଲ ଆଜି ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ଓ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ଅବିନାଶ ସାମଲଙ୍କୁ ଉପଢୌକନ ଦେଇ ଶ୍ରୀ ମଙ୍ଗରାଜ ଓ ଶ୍ରୀ ସାମଲ ଦଳକୁ ସ୍ୱାଗତ କରିଥିଲେ । ଡାକ୍ତର ସାମଲଙ୍କୁ ଦଳରେ ସ୍ୱାଗତ କରି ବିଜେଡି ସାଧାରଣ ସମ୍ପାଦକ ତଥା ସାଂସଦ ମାନସ ରଞ୍ଜନ ମଙ୍ଗରାଜ କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱ ତଥା ରାଜ୍ୟର ରୂପାନ୍ତରଣରେ ଯୁବ ବର୍ଗ ବେଶ୍ ପ୍ରଭାବିତ । ମୁଖ୍ୟମନ୍ତ୍ରୀଙ୍କ ନୂଆ ଓଡ଼ିଶା ଅଭିଯାନରେ ଅନୁପ୍ରାଣିତ ହୋଇ ଡାକ୍ତର ସାମଲ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି । ତାଙ୍କର ଯୋଗଦାନ ଫଳରେ ଆମ ଦଳ ବିଶେଷକରି ଢେଙ୍କାନାଳ ଜିଲ୍ଲାରେ ବିଜେଡି ଅଧିକ ଶକ୍ତିଶାଳୀ ହେବ ବୋଲି ଶ୍ରୀ ମଙ୍ଗରାଜ ପ୍ରକାଶ କରିଥିଲେ । ଯୋଗଦାନ ଅବସରରେ ନିଜ ପ୍ରତିକ୍ରିୟାରେ ଡାକ୍ତର ସାମଲ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶ ମୋ ପରି ଲକ୍ଷାଧିକ ଯୁବକଯୁବତୀଙ୍କୁ ଅନୁପ୍ରାଣିତ କରିଛି । ଆମ ରାଜ୍ୟ ଯେପରି ଭାବେ ଗୋଟିଏ ପରେ ଗୋଟିଏ କ୍ଷେତ୍ରରେ ଉତ୍କର୍ଷ ହାସଲ କରୁଛି ତାହା ସମଗ୍ର ଯୁବ ସମାଜକୁ ପ୍ରେରଣା ଦେଉଛି । ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଲୋକଙ୍କ ହିତ ପାଇଁ କାମ କରିବା ସୌଭାଗ୍ୟର ବିଷୟ। ମୁଁ ଦଳକୁ କୌଣସି ପଦପଦବୀ କିମ୍ବା ଉଦ୍ଦେଶ୍ୟ ନେଇ ଆସିନାହିଁ । ମୁଖ୍ୟମନ୍ତ୍ରୀ ଯେଉଁ ଦାୟିତ୍ୱ ଦେବେ ତାହାକୁ ମୁଁ ନିଷ୍ଠାର ସହ କରିବି । ଦଳ ତାଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସାଂସଦ ମାନସ ମଙ୍ଗରାଜ ଏବଂ ସମସ୍ତ ନେତୃବୃନ୍ଦଙ୍କୁ ଶ୍ରୀ ସାମଲ କୃତଜ୍ଞତା ଜ୍ଞାପନ କରିଛନ୍ତି । ଶେଷରେ ବିଜେଡି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଏମ୍ ଆଇରନ୍ କାରଖାନାକୁ ଏନ୍‌ଜିଟି ଛାଟ

**କାମାକ୍ଷାନଗର,୧୬ ।୨ (ସମିସ)**




ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କୁଲେଇ ସ୍ଥିତ ଜିଏମ ଆଇରନ ଅଣ୍ଡ ଷ୍ଟିଲ କାରଖାନାକୁ ପରିବେଶ ପ୍ରଦୂଷଣ ପାଇଁ ଏନଜିଟି ଦୋଷୀ ସାବ୍ୟସ୍ତ କରିବା ସହିତ ତିନି ମାସ ମଧ୍ୟରେ କ୍ଷତିଭରଣା କରିବାକୁ ପ୍ରଦୂଷଣ ବୋର୍ଡକୁ ନିର୍ଦ୍ଦେଶ ଦେଇଛନ୍ତି ।

ପରଜଙ୍ଗ ବ୍ଲକ ଗେଙ୍ଗୁଟିଆ ପଞ୍ଚାୟତ କୁଲେଇ ସ୍ଥିତ ଜିଏମ ଆଇରନ ଆଣ୍ଡ ଷ୍ଟିଲ କାରଖାନାରୁ ନିର୍ଗତ କଳାଧୂଆଁ ଏବଂ ଜଙ୍ଗଲ

**● ପରିବେଶ ପ୍ରଦୂଷଣ ପାଇଁ ୩ ମାସରେ କ୍ଷତିଭରଣା କରିବାକୁ ନିର୍ଦ୍ଦେଶ**

ଜମିକୁ ଜବରଦଖଲ କରିଥିବା ଅଭିଯୋଗ ଜିଲ୍ଲା ପ୍ରଶାସନ ପାଖରେ ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା । ଏହାକୁ ନେଇ ସ୍ଥାନୀୟ ପୂର୍ବତନ ସରପଞ୍ଚ ସୀମାନ୍ତ କୁମାର ଜେନା ଓ ସାମାଜିକ କର୍ମୀ ଶାନ୍ତନୁ କୁମାର ଭୁକ୍ତା ଗତ ୨୩/୦୩/୨୦୨୨ ରିଖରେ ଜାତୀୟ ସବୁଜ ପ୍ରାଧିକରଣ ଏନଜିଟିରେ ଏକ ମାମଲା ରୁଜୁ କରିଥିଲେ । ଜନସାଧାରଣଙ୍କ ବୃହତ ସ୍ୱାର୍ଥ ଦୃଷ୍ଟିରୁ ଏନଜିଟି ଗୁରୁତର ସହିତ ବିଚାରକୁ ନେଇ ତା ୧୦/୦୫/୨୦୨୨ ରିଖରେ ଶୁଣାଣି କରି ଏକ ଯୁଗ୍ମ କମିଟି ଗଠନ କରି ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ କମିଟିରେ ଜିଲ୍ଲାପାଳ, ବନଖଣ୍ଡ ଅଧିକାରୀ, ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଅଧିକାରୀ, ପରଜଙ୍ଗ ତହସିଲଦାର, କାମାକ୍ଷାନଗର ଉପଜିଲ୍ଲାପାଳଙ୍କୁ ନେଇ କାରଖାନାକୁ ପରିଦର୍ଶନ କରି ସତ୍ୟପାଠ ମାଧ୍ୟମରେ କୋର୍ଟରେ ଦାଖଲ କରିଥିଲେ । ଜାତୀୟ ସବୁଜ ପ୍ରାଧିକରଣ ବିଚାରପତି ଜଷ୍ଟିସ ସାଇବାଳ ଦାସଗୁପ୍ତା ଏବଂ ଜଷ୍ଟିସ ଅମିତ୍ ସ୍ଥାଲେକର ୨୨/୮/୨୦୨୨ ରିଖରେ ଶୁଣାଣି କରି ଜଙ୍ଗଲ ସରକାରୀ ଜମି ଜବରଦଖଲ ଉଚ୍ଛେଦ, ଯୁଗ୍ମ କମିଟି ରିପୋର୍ଟକୁ ନାପସନ୍ଦ କରିବା ସହିତ ପରଜଙ୍ଗ ତହସିଲଦାରଙ୍କ ଅପାରଗତା ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜିଲ୍ଲାପାଳଙ୍କୁ ସୁପାରିଶ ଦେଇଥିଲେ । ସେହିପରି ଭାବରେ ମାତ୍ର ୧୧ ଲକ୍ଷ ୮୫ ହଜାର ଟଙ୍କା ବ୍ୟାଙ୍କ ଗ୍ୟାରେଣ୍ଟି ଦାଖଲ କରି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାରଖାନାକୁ କାର୍ଯ୍ୟକାରୀ ଅନୁମତିକୁ ମଧ୍ୟ ଏନଜିଟି ନାପସନ୍ଦ କରିବାଖ ସହିତ ପୁନଃ ଯାଞ୍ଚ ପାଇଁ ଯୁଗ୍ମ କମିଟିକୁ ନିର୍ଦ୍ଦେଶ ଦେଇଥିଲେ । କମିଟି ପୁନଃ ଯାଞ୍ଚକରିବା ସହିତ ଜଙ୍ଗଲ କିସମ ଜମିରେ ଥିବା ମନ୍ଦିର, ପାଚେରିକୁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରିଥିଲା । ଜଙ୍ଗଲ ଓ ସରକାରୀ ଜମି ଉପରେ ପ୍ରଦୂଷଣ ବିଭାଗର ବିନା ଅନୁମତିରେ କଳା ପାଉଁଶ ଉପରେ ମାଟି ପକାଇ ଆବରଣ କରିଥିଲେ । ଯୁଗ୍ମ କମିଟିର ସମସ୍ତ ରିପୋର୍ଟକୁ ଆଧାର କରି ଜାତୀୟ ସବୁଜ ପ୍ରାଧିକରଣ ତା ୧୨/୦୨/୨୦୨୪ ରିଖ ଶୁଣାଣି କରି ବିଚାରପତି ଜଷ୍ଟିସ ଅମିତ୍ ସ୍ଥାଲେକର ଓ ଡଃ ଅରୁଣ କୁମାର ବର୍ମା ଶୁଣାଣି କରି ପରିବେଶ ପ୍ରଦୂଷଣ ପାଇଁ ଜିଏମ ଆଇରନ ଆଣ୍ଡ ଷ୍ଟିଲ କାରଖାନାକୁ ଦୋଷୀ ସାବ୍ୟସ୍ତ କରିବା ସହିତ ତିନି ମାସ ମଧ୍ୟରେ ପରିବେଶୀୟ କ୍ଷତିପୂରଣ ଭରଣା ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଆବେଦନକାରୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ଶଙ୍କର ପ୍ରସାଦ ପାଣି ମତ ପ୍ରକାଶ କରିଛନ୍ତି ।

# ଯୁବକଙ୍କ ଉନ୍ମତ୍ତକାଣ୍ଡ

**ଗଁଦିଆ, ୧୬ ।୨ (ସମିସ):** ଢେଙ୍କାନାଳ ଜିଲ୍ଲାର ନିହାଲପ୍ରସାଦ ଥାନା ଅନ୍ତର୍ଗତ ପିଙ୍ଗୁଆ ଛକରେ ଗୁରୁବାର ଜନୈକ ଯୁବକର ଉନ୍ମତ କାଣ୍ଡକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଉଛି । ସ୍ଥାନୀୟ ପୁଲିସଠାରୁ ଜଣାପଡ଼ିଛି ଯେ, ପିଙ୍ଗୁଆ ଗ୍ରାମର ଆମ୍ଭୁଜ ସାହୁଙ୍କ ପୁଅ ସୌମ୍ୟରଞ୍ଜନ ସାହୁ (୩୦) ଗତକାଲି ଉକ୍ତ ଛକରେ କିଛି ଦୋକାନୀଙ୍କଠାରୁ ଆରମ୍ଭ କରି ଜନସାଧାରଣଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହିତ ମାଡପିଟ କରିଥଲା । ଏହାକୁ ନେଇ କିଛି ବ୍ୟକ୍ତି ଏହାର ପ୍ରତିବାଦ କରିବା ସହିତ ତାକୁ ବାରଣ କରିବାରୁ ଉକ୍ତ ବଜାରରେ ଥିବା ଏକ ବୋଲେରୋ ଗାଡ଼ିର କାଚ ସବୁ ଭାଙ୍ଗି ଏକ ଛୁରୀ ଧରି ଦୀର୍ଘ ସମୟ ପର୍ଯ୍ୟନ୍ତ ଆତଙ୍କରାଜ ଚଳାଇଥିଲା । ଯୁବକର କାଣ୍ଡରେ ଅତିଷ୍ଠହୋଇ ଗ୍ରାମବାସୀ ଓ ବଜାର ଦୋକାନୀ ସ୍ଥାନୀୟ ଥାନାକୁ ଖବର ଦେବାରୁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତାକୁ ଗିରଫ କରି କେସ ନଂ ୩୦/୨୪ରେ ଏକ ମାମଲା ରୁଜୁକରି ଆଜିକୋର୍ଟ ଚାଲାଣ କରିଛି ।

# ଧନିଆନାଳୀ ଅଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଗଁଦିଆ, ୧୬ ।୨ (ସମିସ):** ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଧନିଆନାଳି ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ମୁଖ୍ୟ ଅତିଥି ଭାବେ ଗଁଦିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପବିତ୍ର କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଗଁଦିଆ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମନୋରଞ୍ଜନ ସାହୁ ଉପସ୍ଥିତ ହୋଇ ଛାତ୍ରଛାତ୍ରୀଙ୍କୁ ଉଦ୍ବୋଧନ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ୍ ଓଡ଼ିଶାର ସଭାପତି ପ୍ରକୃତିବନ୍ଧୁ ହରିହର ସାହୁ , ଅନ୍ୟତମ ସମ୍ମାନିତ ଅତିଥି ଭାବେ ମୋ ସ୍କୁଲ ଅଭିଯାନ ସଭାପତି ସଚିନ୍ଦ୍ର ତ୍ରିପାଠୀ, ପରିଚାଳନା ପରିଷଦ ସଭାପତି ରଙ୍ଗଲତା ମହାନ୍ତ, ସମାଜସେବୀ ପ୍ରଦ୍ୟୁମ୍ନ ଶତପଥୀ ଛାତ୍ର ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଅଭିମନ୍ୟୁ ନାୟକ, ସର୍ବେଶ୍ୱର ସାହୁ, ରାମଚନ୍ଦ୍ର ନାୟକ, ଶିକ୍ଷୟିତ୍ରୀ ସୁଭଦ୍ରା ଗୋଛି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ବିଦ୍ୟାଳୟର ବାର୍ଷିକ ବିବରଣୀ ପ୍ରଧାନ ଶିକ୍ଷକ ଶ୍ରୀ ପୃଷ୍ଟି ଉପସ୍ଥାପନା କରିଥିଲେ । କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# କୃଷକ, ଶ୍ରମିକ ଆନ୍ଦୋଳନ ସମର୍ଥନରେ ଇଣ୍ଡିଆ ମେଣ୍ଟର ବିକ୍ଷୋଭ

**ଢେଙ୍କାନାଳ, ୧୬।୨ (ସମିସ):** ଓଡ଼ିଶା କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା କଂଗ୍ରେସ ସଭାପତି ସୁନିଲ୍ ଦାସଙ୍କ ସଭାପତିତ୍ୱରେ କରାଯାଉଥିବା କୃଷକ ଆନ୍ଦୋଳନ ସମର୍ଥନରେ 'ଇଣ୍ଡିଆ ମେଣ୍ଟ' ର ନେତୃମଣ୍ଡଳୀଙ୍କ ସହଯୋଗରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି ସମାବେଶରେ କେନ୍ଦ୍ରରେ ଥିବା ନରେନ୍ଦ୍ର ମୋଦୀ ସରକାର କୃଷକ, ଶ୍ରମିକ ଏବଂ ଶିକ୍ଷିତ ବେକାର ଯୁବକ ଯୁବତୀଙ୍କ ପ୍ରତି ଉଦାସୀନ ମନୋଭାବ ଏବଂ ଆକାଶଛୁଆଁ ଦରଦାମ ବୃଦ୍ଧିକୁ ନିୟନ୍ତ୍ରଣରେ ବିଫଳତାକୁ ତୀବ୍ର ସମାଲୋଚନା କରିଥିଲେ । କେନ୍ଦ୍ର ସରକାର ଦେଶର ଅନ୍ନଦାତାଙ୍କ ନାର୍ଯ୍ୟ ଦାବି ସମୂହ ପୂରଣ କରିବା ପରିବର୍ତ୍ତେ ଆନ୍ଦୋଳନକୁ ବିଫଳ କରିବାକୁ କାର୍ଯ୍ୟ କରୁଛି ଯାହା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଏବଂ ନାଗରିକଙ୍କ ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରୁଛି ବୋଲି ସମାଲୋଚନା କରିଥିଲେ ।



# ଆଞ୍ଚଳିକ ସେବା ସଂଗଠନ ପକ୍ଷରୁ ଶ୍ରୀକ୍ଷେତ୍ର ଦର୍ଶନ

**ଗଁଦିଆ, ୧୬।୨ (ସମିସ):** ଗଁଦିଆ ବ୍ଲକରେ କାର୍ଯ୍ୟରତ ଆଞ୍ଚଳିକ ସେବା ସଂଗଠନ ପକ୍ଷରୁ ଚଳିତ ବର୍ଷ ବିଭିନ୍ନ ଗରିବ ପରିବାରର ବୃଦ୍ଧ ବୃଦ୍ଧାଙ୍କୁ ଖୋଜି ସେମାନଙ୍କୁ ଠାକୁର ଦର୍ଶନ କରିବା ଭଳି ଏକ ମହତ କାର୍ଯ୍ୟ ଆରମ୍ଭ କରି ୧୧ ବର୍ଷରେ ପହଞ୍ଚିଛି । ଏହି ଉପଲକ୍ଷେ ଗତକାଲି ସନ୍ଧ୍ୟାରେ ଉକ୍ତ ଧର୍ମଯାତ୍ରାରେ ଯାଉଥିବା ଭକ୍ତମାନଙ୍କୁ ପ୍ରଥମେ ଏକ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ବିଧାୟକ ସୁଧୀର କୁମାର ସାମଲ, ମୁଖ୍ୟବକ୍ତା ଭାବରେ କପିଳାସ ଉଚ୍ଚ ବିଦ୍ୟାଳୟ ଇଂରାଜୀ ଅଧ୍ୟାପକ ଗୋଲେଖ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବରେ ଗଁଦିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ଅନ୍ୟତମ ସମ୍ମାନିତ ଅତିଥି ଭାବରେ ବିଶ୍ୱନାଥ ଜେନା ପ୍ରମୁଖ ଯୋଗଦେଇ ଥିଲେ । ଆରମ୍ଭରେ ରାଘବ ଚନ୍ଦ୍ର ମହାରଣା ସମସ୍ତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ଚଳିତ ବର୍ଷ ୧୦୦ ଜଣ ବୃଦ୍ଧବୃଦ୍ଧାଙ୍କୁ ନେଇ ଅନୁଷ୍ଠାନ ପକ୍ଷରୁ ପୁରୀ ଗସ୍ତ କରିଛନ୍ତି ।









ପାରାଦୀପ ଡିଙ୍କିଆରେ ବୃହତମ ଷ୍ଟିଲ କାରଖାନାର (ଜେଏସ୍‌ଡବ୍ଲ୍ୟୁ) ର ଶିଳାନ୍ୟାସ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

### ସାରଳାଦାସଙ୍କ ଶ୍ରାଦ୍ଧୋତ୍ସବ ପାଳିତ

# ସାରଳା ସାହିତ୍ୟ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ଉଦ୍ୟମ ଆବଶ୍ୟକ

ତିର୍ତ୍ତୋଲ, ୧୬।୨(ସମିସ): ପବିତ୍ର ମାଘସପ୍ତମୀ ଅବସରରେ ଓଡିଆ ଭାଷା ସାହିତ୍ୟର ପ୍ରାଣ ପ୍ରତିଷ୍ଠାତା ଆଦିକବି ସାରଳାଦାସଙ୍କ ଶ୍ରାଦ୍ଧୋତ୍ସବ ତେନ୍ତୁଳିପଦା ସାରଳାରୋଡ ଠାରେ ସାରଳାଦାସ ସ୍ମୃତି ସଂସଦ ଓ ସାରଳାଦାସ ପ୍ରତିମୂର୍ତ୍ତି ନିର୍ମାଣ କମିଟି ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ସାରଳାଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ତଥା ପ୍ରତିମୂର୍ତ୍ତି ନିର୍ମାଣ କମିଟି ସଭାପତି ସୁରେଶ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶ୍ରାଦ୍ଧୋତ୍ସବରେ ବିରଜା ପ୍ରସନ୍ନ ପରିଜା, ଚିତ୍ତରଞ୍ଜନ ପରିଜା, ଗୁରୁଦତ୍ତ ପରିଜା, ବାଇଧର ବାୟକ, ଚୌଧୁରୀ ରାଧାମୋହନ ପରିଜା, ନିତ୍ୟାନନ୍ଦ ନାୟକ, ଗୋଲୋକ ବିହାରୀ ପଲାଇ, ଭାଗୀରଥି ମହାନ୍ତି ପ୍ରମୁଖ ଯୋଗଦେଇ ସାରଳଦାସଙ୍କ ରଚିତ ସାରଳା ମହାଭାରତ ସମେତ ଅନ୍ୟାନ୍ୟ ରଚନାବଳୀ ଉପରେ ଆଲୋକପାତ କରିବା ସହ ସାରଳା ସାହିତ୍ୟକୁ ବିଶ୍ୱଦରବାରରେ ପହଞ୍ଚାଇବା ପାଇଁ ଉଦ୍ୟମ ହେବା ଆବଶ୍ୟକ ବୋଲି କହିଥିଲେ।




ସେହିପରି ବିଶ୍ୱହିନ୍ଦୁ ପରିଷଦ ସତସଙ୍ଗ ତିତେର୍ତ୍ତୋଲର ସଦସ୍ୟ ମାନେ ସାରଳାରୋଡ ଠାରେ ଆଦିକବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିରେ ସତସଙ୍ଗର ସଦସ୍ୟ ନିରନ ଦାସ, ଅଶୋକ କୁମାର ଦାଶ, ପ୍ରମୋଦ ପ୍ରଧାନ, ଯଦୁମଣୀ ସାହୁ, ସୁବାସ ମହାପାତ୍ର, ଅର୍ଦ୍ଧେନ୍ଦୁ ବିଶ୍ୱାଳ, ମନୋରଞ୍ଜନ ସାହୁ, ପଣ୍ଡିତ ଅଶୋକ ଦାଶ, ବିଜୟ କୁମାର ସୂତାର, ସଞ୍ଜୟ ମହାପାତ୍ର, କଳ୍ପତରୁ ନାୟକ, ଆଚାର୍ଯ୍ୟ ସ୍ମୃତିରଞ୍ଜନ ରାୟ, ତାପସ ମହାନ୍ତି ପ୍ରମୁଖ ଯୋଗଦେଇ ଆଦିକବି ସାରଳାଦାସଙ୍କୁ ଭାରତର ଜନମାନସରେ ସ୍ଥାନ ଦେବାକୁ ନିଷ୍ପତ୍ତି ଗ୍ରହଣ କରିଥିଲେ।

### ପଙ୍କପାଳ ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମାବେଶ

# ନିଜ ପିଲା ପାଇଁ ମା' ସାଜନ୍ତୁ ରୋଲ୍ ମଡେଲ୍

କୁଜଙ୍ଗ, ୧୬।୨(ସମିସ): କୁଜଙ୍ଗ ବ୍ଲକ ପଙ୍କପାଳ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପବିତ୍ର ବସନ୍ତ ପଞ୍ଚମୀରେ ମାତୃ ସମ୍ମିଳନୀ ସହ ସରସ୍ୱତୀ ପୂଜା ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟା କେଳୁ ଚରଣ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତିର୍ତ୍ତୋଲ ମହାବିଦ୍ୟାଳୟର ସେବା ନିବୃତ୍ତ ଇଂରାଜୀ ବିଭାଗ ମୁଖ୍ୟ ତଥା ଲେଖିକା ବିଷ୍ଣୁ ପ୍ରିୟା ଦାଶ ଯୋଗଦେଇ ନିଜ ଛାତ୍ର ଜୀବନର ସଂଘର୍ଷ, ବୃତ୍ତି ଜୀବନର ଆହ୍ୱାନ ଓ ମାତୃତ୍ୱ ଜୀବନର ତ୍ୟାଗକୁ ସ୍ମରଣ କରିବା ସହ ପାଠ ପଢୁଥିବା ସମୟରେ ମା'ଙ୍କ ପ୍ରେରଣା ତାଙ୍କୁ ଆଜି ପ୍ରତିଷ୍ଠିତ କରାଇଥିବା ମୁକ୍ତକଣ୍ଠରେ ସ୍ୱୀକର କରି ପ୍ରତି ମା' ନିଜ ପିଲା ପାଇଁ ଆଦର୍ଶ ବା ରୋଲ୍ ମଡେଲ ସାଜନ୍ତୁ ବୋଲି କହିଥିଲେ। ଏହି ଅବସରରେ ପରିଚାଳନା ସମିତିର ସଭାପତି ତଥା ପଙ୍କପାଳର ପ୍ରାକ୍ତନ ସରପଞ୍ଚ ଡା. ଶରତ ଚନ୍ଦ୍ର ମହାପାତ୍ର, ପୂର୍ବତନ ସରପଞ୍ଚ ମିହିର କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ଗୁରୁଜୀ ଦେବ ନାରାୟଣ ସେଠୀ ଅତିଥି ପରିଚୟ ଓ ପୁଷ୍ପଲତା ଦାସ ଉତ୍ସବରେ ସଂଯୋଜନା କରିଥିବା ବେଳେ ସମ୍ପାଦକ ଗୋକୁଳାନନ୍ଦ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପରିଚାଳନା ସମିତିର ସଦସ୍ୟ ଉତ୍ତମା କୁମାର ସାହାଣୀ, ଉପଦେଷ୍ଟା ଆଇନଜୀବୀ ତପନ କୁମାର ଦଶ, ପଙ୍କପାଳ ସରପଞ୍ଚ ସରୋଜ କୁମାର ସେଠୀ, ଶିବ ଚରଣ ପାତ୍ର, ପ୍ରାକ୍ତନ ପ୍ରଧାନ ଆଚାର୍ଯ୍ୟ ବିପିନ କୁମାର ମିଶ୍ର, ପ୍ରମୋଦ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସମର୍ପଣ କାର୍ଯ୍ୟକ୍ରମରେ ଶତାଧିକ ମା' ଭାଗ ନେଇଥିଲେ।



# ତାରାମଣିଙ୍କ ସ୍ମୃତିରେ ଗୀତାପାଠ ଓ ସ୍ମୃତିସଭା

କୁଜଙ୍ଗ, ୧୬।୨(ସମିସ): କୁଜଙ୍ଗ ବ୍ଲକ ବଣିତୋ ପଞ୍ଚାୟତ କଣ୍ଡାପଡ଼ା ଗ୍ରାମରେ ସ୍ୱର୍ଗତାଃ ତାରାମଣି ନାୟକଙ୍କ ଏକାଦଶାହରେ ଗୀତା ପାଠ ଓ ସ୍ମୃତି ଚାରଣ ସଭା ସହ ଅଞ୍ଚଳବାସୀ ତାଙ୍କ ସୁଗୁଣକୁ ସ୍ମରଣ କରିଛନ୍ତି। କଣ୍ଡାପଡ଼ା ଗ୍ରାମ ସହ ଅଞ୍ଚଳର ବହୁ ମୁରବୀ, ସାରସତ୍ୟ ସାଧକ ଓ ଜନପ୍ରତିନିଧିମାନେ ଯୋଗଦେଇ ଦିବଂଗତା ତାରାମଣି ଜଣେ ଅନନ୍ୟା ନାରୀ ଥିଲେ ବୋଲି କହିଥିଲେ। ସ୍ୱାମୀ ଗନ୍ଧର୍ବ ନାୟକଙ୍କ ଅକାଳ ବିୟୋଗରେ ଭାଙ୍ଗି ନପଡ଼ି ସେ ନିଜ ପିଲାଙ୍କ ସହ ଗ୍ରାମରେ ବହୁ ପିଲାଙ୍କୁ ଶିକ୍ଷା ଓ ସଂସ୍କାର ଦେବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଥିଲେ ବୋଲି ସ୍ମୃତି ସଭାରେ ପ୍ରକାଶ ପାଇଛି। ଏହି ସଭାରେ ବିଶିଷ୍ଟ କବି ଅଶୋକ କୁମାର ଲେଙ୍କା, ଓଷ୍ଟାର ବ୍ଲକ ସମ୍ପାଦକ ବିନୋଦ ବିହାରୀ ମୁଦୁଲି, ପଙ୍କପାଳ ପ୍ରାକ୍ତନ ସିଆର୍‌ସିସି ରାଜେନ୍ଦ୍ର କୁମାର ବାରିକ, ବଣିତୋ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶାରଦା ପ୍ରସନ୍ନ ଦାସ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ନିମାଇଁ ଚରଣ ସ୍ୱାଇଁ, ନାରାୟଣ ଚନ୍ଦ୍ର ବାରିକ, ଅଭୟ କୁମାର ସେନାପତି, ଅଜୟ କୁମାର ସେନାପତି, ଅଜିତ କୁମାରୀ ଲେଙ୍କା, ବଣିତୋ ସରପଞ୍ଚ ସ୍ୱର୍ଣ୍ଣପ୍ରଭା ଗୋଛାୟତ, ସମିତି ସଭ୍ୟ ମନୋରଞ୍ଜନ ପଣ୍ଡା, ଗୁରୁମା ସଂଯୁକ୍ତା ଦାସ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ବୋହୂ ମନୋରମା ନାୟକ, ଝିଅ ବିନିତା ର୍ନାକ, ଜ୍ୱାଇଁ କୃଷ୍ଣ ଚନ୍ଦ୍ର ମଲିକ, ଦେବାଶିଷ ନାୟକ, ନିଗମାନନ୍ଦ ନାୟକ, ଫଙ୍କୁ ମଲିକ, ସୌମ୍ୟା ଶୁଭଦର୍ଶିନୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପୁଅ ତଥା ସ୍ୱନାମଧନ୍ୟ ଶିକ୍ଷକ ସଞ୍ଜୟ କୁମାର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ନିରବ ପ୍ରାର୍ଥନା ଓ ଶେଷରେ ଗୀତା ପାଠ କରାଯାଇଥିଲା।

# ଜାଲ୍ ଗେଟ୍ ପାସ୍ ଦେଖାଇ ଯିବାବେଳେ ଧରାପଡ଼ିଲା ଜେସିବି

ପାରାଦୀପ, ୧୬।୨(ସମିସ): ପାରାଦୀପ ବନ୍ଦର ନିସିଦ୍ଧାଞ୍ଚଳକୁ ପ୍ରବେଶ ପାଇଁ ଅନୁମତିପତ୍ର ଜାଲ ହୋଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ପାରାଦୀପ ଆଦର୍ଶ ଥାନାରେ ଅଭିଯୋଗ ମଧ ହୋଇଛି। ସୁରକ୍ଷା ଦାୟିତ୍ୱରେ ଥିବା ସିଆଇଏସଏଫ୍‌ଙ୍କ ଅଭିଯୋଗ ପରେ ଜଣାପଡ଼ିଥିଲା ଯେ ଗତକାଲି ରାତିରେ ବନ୍ଦରର ୪ ନମ୍ବର ଗେ୍ରେ ମା' ଚର୍ଚ୍ଚିକା ଇଞ୍ଜିନିୟରିଂର ଏକ ଜେସିବି ଗେଟ୍‌ରେ ପଶିବା ପାଇଁ ଯାଉଥିବା ବେଳେ ସେତେବେଳ ଡ୍ରାଇଭର ମୋବାଇଲ ଫୋ୍‌ରେ ଥିବା ପ୍ରବେଶ ପାସ ଦେଖାଇଥିଲେ। ସେଥିରେ ୨୦୨୩ ଜୁନ ୫ ତାରିଖରୁ ୨୦୨୪ ଏପ୍ରିଲ ୪ ତାରିଖ ପର୍ଯ୍ୟନ୍ତ ବୈଧତା ରହିଥିବା ସିଆଇଏସଏଫ ଜାଣିବାକୁ ପାଇଥିଲେ। ଏହାପରେ ମୂଳ ପାସ ଦେଖାଇବା ପାଇଁ କହିଥିଲେ। ସୁପରଭାଇଜର ସୁବ୍ରତ ସ୍ୱାଇଁ ମୂଳ ପାସ ଦେଖାଇବା ପରେ ତାହା ୨୦୨୩ ଜୁନ ୫ ତାରିଖରୁ ୨୦୨୩ ସେପ୍ଟେମ୍ବର ୪ ତାରିଖ ପର୍ଯ୍ୟନ୍ତ ଥିବାରୁ ଏହା ଜାଲିଆତି କରାଯାଇଥିବା ପୁଲିସ ଜାଣିବାକୁ ପାଇଥିଲା। ତେଣୁ ସମ୍ପୃକ୍ତ ଡ୍ରାଇଭରକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ।

# ଚିତ୍ତରଞ୍ଜନ ଏସ୍‌ଭିଏମ୍ ଅଣଶିକ୍ଷକ ମହାସଂଘ ନୂତନ ସଭାପତି

ଜଗତସିଂହପୁର, ୧୬।୨(ସମିସ): ଜଗତସିଂହପୁର ଜିଲ୍ଲାର ସର୍ବ ପୁରାତନ ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଣଶିକ୍ଷକ କର୍ମଚାରୀ ମହାସଂଘର ସାଧାରଣ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇତାହାରସମାଧାନପାଇଁପଦକ୍ଷେପଗ୍ରହଣକରାଯାଇଥିଲା। ପରେଅଣଶିକ୍ଷକ କର୍ମଚାରୀ ମହାସଂଘର ନୂତନ କର୍ମକର୍ତ୍ତା ଓ ସଭାପତି ଚୟନ କରାଯାଇଥିଲା। ମହାସଂଘର ସଭାପତି ଭାବରେ ରସାୟନ ବିଭାଗର ଡେମୋନେଷ୍ଟ୍ରେଟର ଚିତ୍ତରଞ୍ଜନ ଦାସଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ମହାସଂଘର ସମ୍ପାଦକ ନିରଞ୍ଜନ ପାତ୍ରଙ୍କ ପ୍ରସ୍ତାବ କ୍ରମେ ଶ୍ରୀଦାସଙ୍କୁ ସମସ୍ତ କର୍ମଚାରୀ ସମର୍ଥନ ଦେବା ସହିତ ସଭାପତି ଭାବରେ ନିର୍ବାଚିତ କରାଇଥିଲେ। ଅଣଶିକ୍ଷକ କର୍ମଚାରୀ ମହାସଂଘର ସଦସ୍ୟମାନଙ୍କ ଯଥାଚିତୋ ଦାବି ଓ ସମସ୍ୟା ଗୁଡିକକୁ ସେ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ପରିଚାଳନା କମିଟି ସମ୍ମୁଖରେ ଉପସ୍ଥାପନ କରି ତାହାର ସମାଧାନ ଦିଗରେ କାର୍ଯ୍ୟ କରିବେ ବୋଲି ନୂତନ ସଭାପତି ଚିତ୍ତ ରଞ୍ଜନ ଦାସ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ପାତ୍ର ଓ ସମସ୍ତ ଅଧ୍ୟାପକ ଅଧ୍ୟାପିକା, ମୁଖ୍ୟ କିରାଣି ଭାଗବତ ମୁଦୁଲି ଓ ଅନ୍ୟ କର୍ମଚାରୀମାନେ ନୂତନ ଅଣଶିକ୍ଷକ ମହାସଂଘର ସଭାପତ ଶ୍ରୀ ଦାସଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ପାରାଦୀପଠାରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

ଜଗତସିଂହପୁର/ପାରାଦୀପ, ୧୬।୨(ସମିସ): ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ ପଛପାଖ ପଡ଼ିଆରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୨ ଟି କମ୍ପାନୀ ଓ ସରକାରୀ ଅନୁବନ୍ଧିତ ତାଲିମ ପ୍ରଦାନକାରୀ ସଂସ୍ଥା ଯୋଗ ଦେଇଥିଲେ। ଏହି ନିଯୁକ୍ତି ମେଳାରେ ଜଗତସିଂହପୁରର ୮ଟି ବ୍ଲକ ଓ ୨ଟି ପୌରସଂସ୍ଥାର ମୋଟ ୫୧୨ ଜଣ ପ୍ରାର୍ଥୀ ଓ ପ୍ରାର୍ଥୀନୀମାନେ ଯୋଗ ଦେଇ ନାମ ପଞ୍ଜିକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୨୦୪ ଜଣଙ୍କୁ ନିଯୁକ୍ତି/ତାଲିମ ଦେବାପାଇଁ ନିଯୁକ୍ତି ସଂସ୍ଥା ଓ ତାଲିମ ପ୍ରଦାନକାରୀ ଅନୁଷ୍ଠାନଗୁଡିକ ସହିତ ସହବନ୍ଧିତ ହୋଇଥିଲେ। ନିଯୁକ୍ତି ମେଳାକୁ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରମୋଦ କୁମାର ସାମଲ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସେ ଏହି ମେଳା ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ-ତଥା-ନିୟୋଜନ ଅଧିକାରୀ ଗତିକୃଷ୍ଣ ବେହେରା ପ୍ରାରମ୍ଭିକ ଭାଷଣ ଦେଇ ଜିଲ୍ଲାରେ ଚାଲୁଥିବା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟକ୍ରମ ଗୁଡିକର ବିବରଣୀ ରଖିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଦକ୍ଷତା ବିକାଶ-ତଥା-ନିୟୋଜନ ଅଧିକାରୀ ଧର୍ମାନନ୍ଦ ବେହେରା ଓ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟର, ଜଗତସିଂହପୁର ଓ ସ୍ୱତନ୍ତ୍ର ନିୟୋଜନ କାର୍ଯ୍ୟାଳୟ, ପାରାଦୀପର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।



# ବଣିକୁନ୍ଦ ସନ୍ତୋଷୀ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

କୁଜଙ୍ଗ, ୧୬।୨(ସମିସ): କୁଜଙ୍ଗ ବ୍ଲକ ପଙ୍କପାଳ ପଞ୍ଚାୟତ ବଣିକୁନ୍ଦ ଗ୍ରାମର ପ୍ରମୁଖ ଅଧ୍ୟାତ୍ମିକ ପୀଠ ଶ୍ରୀଶୀ ମା' ବୁଢୀକେନ୍ଦୁଳାଇ ପୀଠରେ ଆର୍ବିଭୂତା ମା' ସନ୍ତୋଷୀ ଦେବୀଙ୍କ ପ୍ରତିଷ୍ଠା ଉତ୍ସବ ସହ ସପ୍ତଦାଶ ବିଶ୍ୱଶାନ୍ତି ମହାଯଜ୍ଞ, ଅଷ୍ଟ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଯାଇଛି। ଗତ ୧୧ ତାରିଖ ରବିବାରଠାରୁ ଅଙ୍କୁରରୋପଣ, ସୋମବାର କଳସ ଶୋଭାଯାତ୍ରା ଶହ ଗ୍ରାମର ଶହଶହ ମହିଳା ମହାନଦୀରୁ ପବିତ୍ର କଳସୀ ଧାରଣ କରି ଗ୍ରାମ ପରିକ୍ରମା କରିବା ସହ ସନ୍ତୋଷୀ ପୀଠରେ ସମବେତ ହୋଇଥିଲେ। ମଙ୍ଗଳବାର ଦିନ ଗୁରୁ ଗୋବିନ୍ଦ ପୂଜା ସହ ସୂର୍ଯ୍ୟ ପୂଜା ଓ ଗୀତା ଆହୁତି ପ୍ରଦାନ କରାଯାଇଥିଲା। ବୁଧବାର ପବିତ୍ର ଶ୍ରୀପଞ୍ଚମୀରେ ଚଣ୍ଡି ଆହୁତି ସହ ନଗର ସଙ୍କୀର୍ତ୍ତନ ଓ କୁଞ୍ଜଗାନ କରାଯିବା ସହ ସନ୍ଧ୍ୟାରେ ମହାଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ୟାପକ ଭାବେ ଅନ୍ନଯଜ୍ଞ ମଧ କରାଯାଉଥିବା ବେଳେ କାର୍ଯ୍ୟକ୍ରମକୁ ଉଭୟ ବଣିକୁନ୍ଦ ଓ ଡିଅସାହି ଗ୍ରାମବାସୀ ଶ୍ରଦ୍ଧା ଓ ସମର୍ପଣ ଭାବନେଇ ସହଯୋଗ କରୁଥିବା ବେଳେ ମନ୍ଦିର ପ୍ରମୁଖ ବିପିନ ବାବା, ଅଧ୍ୟାପକ କ୍ଷେତ୍ରବାସୀ ରାଉତ, ନିରଞ୍ଜନ ନାୟକ, ବିରେନ୍ଦ୍ର ରାଉତ, ବିଜୟକୁମାର ରାଉତ, ପବିତ୍ର ପରିଡ଼ା(ବାବାଜୀ), ଭଜନା ନନ୍ଦ ରାଉତ, ମଧୁରାନନ୍ଦ ସାହାଣୀ, ପୁରୋହିତ କେଳୁ ଚରଣ ଦାଶ, ଯଜ୍ଞକର୍ତ୍ତା ତୋଫାନ ଖୁଣ୍ଟିଆ ପ୍ରମୁଖ ସମସ୍ତ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

# ଅବଳା ସଂସ୍କୃତି ମଣ୍ଡପ ଲୋକାର୍ପଣ; ସାରସ୍ୱତ ସାମାରୋହ

କୁଜଙ୍ଗ, ୧୬।୨(ସମିସ): କୁଜଙ୍ଗ ବ୍ଲକର କଟକ-ପାରାଦ୍ୱୀପ ରାସ୍ତା ପାର୍ଶ୍ୱର ହଂସିଣାଠାରେ ଅବଳା ସଂସ୍କୃତି ମଣ୍ଡପ ଲୋକର୍ପଣ ହେବାସହ ଏକ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଓ ସାରସ୍ୱତ ସାଧିକା ଅବଳା ମହାପାତ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଛି। ବିଶିଷ୍ଟ ନାରୀକବି ତୁଳସୀ ଦାସ ଏହି ସଂସ୍କୃତି ମଣ୍ଡପକୁ ଉନ୍ମୋଚନ କରିଥିଲେ। ଏକ ବର୍ଣ୍ଣାଢ୍ୟ ଉତ୍ସବରେ ବିଶିଷ୍ଟ ସାରସ୍ୱତ ସାଧିକା ଡ. ଶକୁନ୍ତଳା ବଳିୟାରସିଂହ ମୁଖ୍ୟ ଅତିଥି, ଡ. ସୁଲୋଚନା ଦାସ ମୁଖ୍ୟବକ୍ତା, ସମ୍ମାନୀତ ଅତିଥିଭାବେ କାନନବାଳା ପଟ୍ଟନାୟକ, ଡ. ଅଞ୍ଜଳୀ ତ୍ରିପାଠୀ, କବି ହାରାମଣି ମହାପାତ୍ର ଓ ରାଜ୍ୟ ସାହିତ୍ୟ ଏକାଡେମୀ ପୁରସ୍କୃତ କବି ପିତାମ୍ବର ତରାଇ ପ୍ରମୁଖ ଯୋଗଦେଇ ଅବଳାଙ୍କ ସାହିତ୍ୟ ଓ ସାହିତ୍ୟିକଙ୍କୁ ପ୍ରେରଣା ଓ ଉତ୍ସାହ ଦ୍ୱାରା ଯେଉଁ ଆଦର୍ଶ ସୃଷ୍ଟି କରିଥିଲେ ତାହା ନିଆରା ବୋଲି କହିଥିଲେ। ଅବଳାବାଳାଙ୍କ ସ୍ୱାମୀ ତଥା ଶିକ୍ଷାବିତ୍ ଅନଙ୍ଗ ମହାପାତ୍ର ଅବଳା ଦେବୀଙ୍କ ସ୍ମୃତିକୁ ଅମଳିନ ରଖିବାକୁ ଯେଉଁ ଉଦ୍ୟମ କରିଛନ୍ତି ତାହା ପତି-ପତ୍ନୀ ମଧ୍ୟରେ ଥିବା ନିବିଡି ପ୍ରେମ ଓ ସମର୍ପଣର ନିଦର୍ଶନ ବୋଲି ବକ୍ତାମାନେ କହିଥିଲେ। ଅନଙ୍ଗ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଉତ୍କଳ ସାହିତ୍ୟ ସମାଜର ଉପସଭାପତି ଜୀବନାନନ୍ଦ ଅଧିକାରୀ ଏହି ସମାରୋହରେ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ରୋଜାଲିନ ଜେନାଙ୍କ ସଂଯୋଜନାରେ ଅନୁଷ୍ଠାନର ସମ୍ପାଦକ କବି ସୁରେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷାବିତ୍ ବାବୁରାମ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ କବିତା ପାଠୋତ୍ସବ ଓ ସାରସ୍ୱତ ସମାରୋହରେ ନାଟ୍ୟକାର ରଘୁନାଥ ସାହୁ ମୁଖ୍ୟବକ୍ତାଭାବେ ଯୋଗଦେଇଥିବାବେଳେ ସମ୍ମାନୀତ ଅତିଥିଭାବେ ଅଧ୍ୟାପକ ଓଡିଆ ଅଧ୍ୟାପକ ସନ୍ତୋଷ କୁମାର ସାମଲ, କବି ବସନ୍ତ ମଞ୍ଜରୀ ଦାସ, କୈଳାସ ସ୍ୱାଇଁ ଓ ନବୀନ ପ୍ରଧନା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ପ୍ରତାପ ମହାପାତ୍ର କବି ସମ୍ମିଳନୀରେ ସଂଯୋଜନା କରିଥିଲେ। ୫୦ ଜଣ ସାରସ୍ୱତ ସାଧକ ଓ କବି ମାନଙ୍କୁ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ବ୍ଲକ୍ କାର୍ଯ୍ୟାଳୟ ଘେରିଲେ ଅଙ୍ଗନବାଡି କର୍ମୀ

ତିର୍ତ୍ତୋଲ, ୧୬।୨(ସମିସ): କେନ୍ଦ୍ରର ମୋଦୀ ସରକାରଙ୍କ କୁଶାସନ ପ୍ରତିବାଦରେ ସଂଯୁକ୍ତ କିଶାନ ମୋର୍ଚ୍ଚା ଓ କେନ୍ଦ୍ରୀୟ ଟ୍ରେଡ ୟୁନିଅନ, ସ୍ୱାଧୀନ ଫେଡେରେସନର ଆହ୍ୱାନ କ୍ରମେ ଦେଶବ୍ୟାପି ଧର୍ମଘଟ ପରିପ୍ରେକ୍ଷୀରେ




ଏଆଇଟିୟୁସି ଅନୁବନ୍ଧିତ ନିଖିଳ ଓଡ଼ିଶା ଅଙ୍ଗନବାଡି କର୍ମୀ ସଂଘ ତିର୍ତ୍ତୋଲ ବ୍ଲକ କମିଟି ତରଫରୁ ବ୍ଲକ କାର୍ଯ୍ୟାଳୟ ଘେରାଓ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲା ସଭାନେତ୍ରୀ କବିତା ସେଠୀ, ବ୍ଲକ ସଭାପତି ନୀଳିମା ସାହୁ ଓ ବ୍ଲକ ସମ୍ପାଦକ ସ୍ୱର୍ଣ୍ଣଲତା ଦାସଙ୍କ ନେତୃତ୍ୱର ମମତାରାଣୀ ସାହୁ, ଜ୍ୟୋସ୍ନାରାଣୀ ପରିଜା, ସୁପ୍ରଭା ସ୍ୱାଇଁ, ରୀନାରାଣୀ ରାୟ, ସୌଭାଗିନୀ ସେଠୀ, ଝନକା ସାହୁ, ଆରତୀ ଖୁଣ୍ଟିଆ, ଭାନୁପ୍ରିୟା ମହାପାତ୍ରଙ୍କ ସମେତ ବହୁ ସଂଖ୍ୟରେ ଅଙ୍ଗନବାଡି କର୍ମୀମାନେ ସିଡିପିଓ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସିଡିପିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପରେ ଅଙ୍ଗନବାଡି କର୍ମୀମାନେ ଅଙ୍ଗନବାଡି କର୍ମୀ ସମେତ ବିଭିନ୍ନ ସ୍କିମ ୱାର୍କରମାନଙ୍କୁ ୱାର୍କର ମାନ୍ୟତା, ସର୍ବନିମ୍ନ ମଜୁରୀ ୨୬ହଜାର ଟଙ୍କା, ସାମାଜିକ ନିରାପତ୍ତା ପ୍ରଦାନ, ଦରଦାମ ବୃଦ୍ଧି ବନ୍ଦ ଆଦି ବିଭିନ୍ନ ଦାବି ପୂରଣ ପାଇଁ ସ୍ଲୋଗାନ ଦେଇ ଏକ ଶୋଭାଯାତ୍ରାରେ ଯାଇ ବ୍ଲକ କାର୍ଯ୍ୟାଳୟ ଘେରଉ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ବିଡିଓଙ୍କ ଅନୁପସ୍ଥିତିରେ ବ୍ଲକ କାର୍ଯ୍ୟାଳୟରେ ଉପସ୍ଥିତ ଅଧିକାରୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

**ବାଲିକୁଦା:** ଅଖିଳ ଭାରତ ଟ୍ରେଡ଼ ୟୁନିୟନ ପକ୍ଷରୁ ଶୁକ୍ରବାର ଭାରତ ବନ୍ଦ ଡାକରା ଦିଆଯାଇଥିଲା। ବାଲିକୁଦା ବ୍ଲକ ନିଖିଳ ଓଡ଼ିଶା ଅଙ୍ଗନବାଡି କର୍ମୀ ସଂଘ ପକ୍ଷରୁ ଉକ୍ତ ଆନ୍ଦୋଳନକୁ ସମର୍ଥନ ଜଣାଇ ସଂଘର କର୍ମୀମାନେ ଏକ ରାଲି କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହିତ ଏକ ୮ଦଫା ସମ୍ବଳିତ ଦାବିପତ୍ର ବାଲିକୁଦା ବ୍ଲକ ଅତିରିକ୍ତ ବିଡ଼ିଓ ସଞ୍ଜୟ କୁମାର ଦାସଙ୍କୁ ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ବ୍ଲକ ସଭାପତି ଶଶିରେଖା ଦାଶ, ସମ୍ପାଦକ ଦେବହୂତି ବିଶ୍ୱାଳ, ପ୍ରମିଳା ଦାସ, ସ୍ମିତାରାଣୀ ମଲ୍ଲିକ, ରୁନୁବାଳା ଜେନା, ମିତାରାଣୀ ସେଠୀ, ଲିଜାରାଣୀ ବେହେରା, ସୌଦାମିନୀ ଦାସ, ବିଦ୍ୟୁଲତା, ଦୀପ୍ତିମୟୀ ସାହୁ, ସାରଦା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।



### ଛବୀନ୍ଦ୍ର-ଅମର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# କଟକ ବିଡ଼ାନାସୀ ଚାମ୍ପିଅନ




ପାରାଦୀପ, ୧୬।୨(ସମିସ): ପଞ୍ଚମ ବାର୍ଷିକ ଛବିନ୍ଦ୍ର-ଅମର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ମଧୁବନ ଏନ୍‌ଏସି ଖେଳ ପଡ଼ିଆରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ କଟକ ବିଡାନାସୀ କ୍ଲବ ଏବଂ ୱାରିଅଷ୍ଟ କ୍ଲବ ଯାଜପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ବିଡାନାସୀ କ୍ଲବ ବୋଲିଂ ନିଷ୍ପତ୍ତି ନେଇଥିଲା। ଅପର ପକ୍ଷରେ ୱାରିଅଷ୍ଟ କ୍ଲବ ଯାଜପୁର ୨୪.୪ଟି ବଲ୍‌ରେ ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଯାଜପୁର ସୁରାଜ ଚୌଧୁରୀ ସର୍ବାଧିକ ୨୭ ରନ ସଂଗ୍ରହ କରିଥିଲେ। ଜବାବରେ ନିର୍ଦ୍ଧାରିତ ୨୦.୩ ଟି ବଲରେ ନିର୍ଦ୍ଧାରିତ ରନ ସଂଗ୍ରହ କରି ୫ ଉଇକେଟରେ ବିଡାନାସୀ ବିଜୟୀ ହୋଇଥିଲା। ଉଦଯାପନୀ ଦିବସରେ ଅତିଥି ଭାବେ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ଗୋପବନ୍ଧୁ କ୍ରୀଡା ସଂସଦ ଉପଦେଷ୍ଟା ରବୀନ୍ଦ୍ର ଦାସ, ବନ୍ଦର ମେଡିକାଲର ଡେପୁଟି ସିଏମ୍‌ଓ ଡି. ପି. ସେଠୀ, ଡିଜିଏମ ଏସିଇ କମରସିଆଲ ଅକ୍ଷୟ କୁମାର ସୂତାର, ବିଜୁ ମେମୋରିଆଲ ହସ୍ପିଟାଲ ଡାକ୍ତର ପ୍ରସନ୍ନ ସାମଲ, ପାରାଦୀପ ବିଜୁ ଯୁବ ଜନତା ଦଳର ସଭାପତି ଆଲୋକ ମହାପାତ୍ର ଓ ସନ୍ତୋଷ ଭାରତୀ ପ୍ରମୁଖ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

## ଓଡ଼ିଶା ଗ୍ରାମ୍ୟ କୃଷି କର୍ମଚାରୀଙ୍କ ଆନ୍ଦୋଳନ

**ଢେଙ୍କାନାଳ, ୧୬।୨ (ସମିସ):** ଢେଙ୍କାନାଳ ଜିଲ୍ଲାରେ କାର୍ଯ୍ୟରତ ଓଡ଼ିଶା ଗ୍ରାମ୍ୟ କୃଷି କର୍ମଚାରୀ ସଙ୍ଘ ତରଫରୁ ଗ୍ରେଡ୍ ପେ ବୃଦ୍ଧି ସହିତ କ୍ୟାଡର ପୁର୍ନଃଗଠନକୁ ନେଇ ଆନ୍ଦୋଳନ କରାଯାଇଛି । ଗ୍ରାମ୍ୟ କୃଷି କର୍ମଚାରୀ ସମସ୍ୟା ପ୍ରତି ସରକାର ଉଦାସିନ ରହୁଥିବା ବେଳେ ଓଡ଼ିଶା ରାଜ୍ୟ ଗ୍ରାମ୍ୟ କୃଷି କର୍ମଚାରୀ ଏବଂ ମହିଳା ଗ୍ରାମ୍ୟ କୃଷି କର୍ମଚାରୀ ସଙ୍ଘର ଆହ୍ୱାନରେ ଜିଲ୍ଲାର ସମସ୍ତ ଗ୍ରାମ୍ୟ କୃଷି କର୍ମଚାରୀ ଆସନ୍ତା ୮ରୁ ୧୨ରିଖି ପର୍ଯ୍ୟନ୍ତ ମୋବାଇଲ ଯୋଗେ ବିଭାଗୀୟ ସେବାରୁ ନିବୃତ୍ତ ରହିଥିଲେ । ବିଭାଗୀୟ କର୍ତ୍ତୃପକ୍ଷ କ୍ୟାଡର ପୁର୍ନଗଠନ ଦାବି ପୂରଣ ନ କରିବାରୁ ୧୩ ରିଖ ଠାରୁ ୧୯ ରିଖି ପର୍ଯ୍ୟନ୍ତ ମୋବାଇଲ ଯୋଗେ ସେବା ବନ୍ଦ ସହ ସିଡିଏଓ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଦେଉଛନ୍ତି । ଏହା ମଧ୍ୟରେ ସରକାର ଦାବି ପୂରଣ ନକଲେ ଆସନ୍ତା ୨୦ ତାରିଖ ଠାରୁ ରାଜ୍ୟ ମୁଖ୍ୟ କୃଷିଭବନ ସମ୍ମୁଖରେ ସମୂହ ଗଣଧାରଣା ଦେବା ପାଇଁ ସଙ୍ଘ ନିଷ୍ପତ୍ତି ନେଇଛି । ଏ ସଂକ୍ରାନ୍ତରେ ଏକ ଦାବିପତ୍ର ଜିଲ୍ଲା କୃଷି ସଭାପତି ସମୀର କୁମାର ସାହୁ, ସମ୍ପାଦକ ଚିନ୍ମୟ ପଣ୍ଡାଲ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି ।

## ମହିମା ଆଶ୍ରମରେ ମାଘ ସପ୍ତମୀ ଉତ୍ସବ ପାଳିତ

**କାମାକ୍ଷାନଗର,୧୬।୨(ସମିସ):** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ମହିମା ଆଶ୍ରମରେ ମାଘ ସପ୍ତମୀ ତଥା ଆଶ୍ରମର ବାର୍ଷିକ ଉତ୍ସବ ମହା ଆଡମ୍ବରରେ ପାଳିତ ହୋଇଯାଇଛି । ଗତ ୧୮୭୫ ମସିହାଠାରୁ ଏହି ଆଶ୍ରମରେ ନିରବିଚ୍ଛିନ୍ନ ଭାବେ ମାଘମାସ ଶୁକ୍ଳପକ୍ଷ ସପ୍ତମୀ ତିଥିରେ ମାଘସପ୍ତମୀ ପାଳିତ ହେଉଛି । ସପ୍ତମୀ ଓ ଅଷ୍ଟମୀ ଦୁଇଦିନ ଧରି ଏହି ପର୍ବପାଳନ ହେଉଥିବା ବେଳେ ସପ୍ତମୀ ଦିନ ବଡ଼ିଭୋରରୁ ଅମଣିଆ ବାଲ୍ୟଲୀଳା କରାଯାଇଥାଏ । ଦିନସାରା ଭୀମଭୋଇଙ୍କ ଭଜନ ହୋଇଥାଏ । ସନ୍ଧ୍ୟା ୫.୩୦ ସମୟରେ ଜଗତ ମଙ୍ଗଳ ଲାଗି ୧୧ ଶାଖା ବିଶିଷ୍ଟ ଝାଡ଼ ଦୀପ ପ୍ରଜ୍ୱଳନ କରାଯିବା ସହ ବ୍ରହ୍ମଧ୍ୱନି ସ୍ଥାପନ କରି ଘୃତାହୁତି ଅର୍ପଣ କରାଯାଇଥିଲା । ଏହି ଅବସରରେ ଅଞ୍ଚଳର ବିଭିନ୍ନ ଭଜନ ମଣ୍ଡଳୀଙ୍କ ଦ୍ୱାରା ଅହୋରାତ୍ର ଅଲେଖ ମହିମାଙ୍କ ଭଜନ ଗାନ କରାଯିବା ସହ ସକାଳେ ନଗର କୀର୍ତ୍ତନ ସହ ଅନ୍ନପ୍ରସାଦ ଓ ହରିହାଟ ଅନୁଷ୍ଠିତ ହୋଇଥିଲା । ଏହିଯାତ୍ରା ଦେଖିବାକୁ ଅଞ୍ଚଳରୁ ଭକ୍ତ ଓ ସାଧୁସନ୍ଥଙ୍କ ସମାଗମ ହୋଇଛି ।

## ଘୋଷରରେ ଭାଗବତ ନାମଯଜ୍ଞ



**କିଶୋରନଗର, ୧୬।୨(ସମିସ):** କିଶୋରନଗର ବ୍ଲକ ହିମିତିରା ପଞ୍ଚାୟତର ଘୋଷର ଗ୍ରାମରେ ବିଶ୍ୱଶାନ୍ତ୍ୟାର୍ଥେ ମାଘ ସପ୍ତମୀ ଉପଲକ୍ଷେ ଭାଗବତ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏହି ନାମଯଜ୍ଞ ଉପଲକ୍ଷେ ସକାଳେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ପୁରୋହିତ ରବିନାରାୟଣ ଶତପଥିଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା । ଏଥିରେ ବହୁ ଭାଗବତ ଗୋଷ୍ଠୀ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ସଂକୀର୍ତ୍ତନ ପରିବେଷଣ କରିଥିଲେ । ଏଥିରେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ଠାକୁରଙ୍କ ପୂଜାର୍ଚ୍ଚନା କରିଥିଲେ । କମିଟିର ସଭାପତି ଗଜେନ୍ଦ୍ର ସାହୁ, ସମ୍ପାଦକ ପରକ୍ଷିତ ଦେହୁରୀଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ । ଗ୍ରାମବାସୀଙ୍କ ପକ୍ଷରୁ ଭକ୍ତଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଥିଲା ।

## ସମାଜସେବୀ କ୍ଷୀରୋଦ ସାହୁ ସମ୍ବର୍ଦ୍ଧିତ




**ତାଳଚେର, ୧୬।୨(ସମିସ):** ମା' ହିଙ୍ଗୁଳା ଟ୍ରାନ୍ସପୋର୍ଟ ଆସୋସିଏସନ୍ ତାଳଚେର ପକ୍ଷରୁ ଆଜି ଭୁବନେଶ୍ୱରୀ ମାଇନ୍ସର ଟ୍ରକ୍ ପାର୍କିଂ ଠାରେ ୩୫ତମ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ କରାଯାଇଛି । ଏହି ଅବସରରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ତାଳଚେର ଆରଟିଓ ନିଖିଳ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଲ୍ଲେଖନୀୟ ସେବା ଲାଗି ସମାଜସେବୀ କ୍ଷିରୋଦ ସାହୁଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଭାପତି ନାରାୟଣ ରଞ୍ଜନ ସାହୁ, ସାଧାରଣ ସଂପାଦକ ସୁଧୀର ନାଥ, ସହ ସଂପାଦକ ପ୍ରବୀର ପ୍ରଧାନ ଉପସ୍ଥିତ ଥିଲେ । ତେବେ ଏଭଳି ସମ୍ବର୍ଦ୍ଧନା ପାଇଥିବାରୁ ମା' ହିଙ୍ଗୁଳା ଟ୍ରାନ୍ସପୋର୍ଟ ଆସୋସିଏସନକୁ ଶ୍ରୀ ସାହୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ଅନୁଗୋଳ - ଢେଙ୍କାନାଳ ଟ୍ରେନ୍ ପାସେଞ୍ଜର ସଙ୍ଘର ବନ୍ଧୁମିଳନ

**ଢେଙ୍କାନାଳ, ୧୬।୨ (ସମିସ):** ସିମିଳିଆ ଠାରେ ଢେଙ୍କାନାଳ-ଅନୁଗୋଳ ଟ୍ରେନ୍ ପାସେଞ୍ଜର ସଙ୍ଘର ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ୧୫୦ରୁ ଅଧିକ ପାସେଞ୍ଜର ଯୋଗଦେଇଥିବା ବେଳେ ଏହି ଟ୍ରେନ ପ୍ରତ୍ୟେକ ଦିନ କିପରି ସଠିକ ସମୟରେ ଯାତାୟାତ କରିବ, ଢେଙ୍କାନାଳ ଠାରୁ ଭୁବନେଶ୍ୱରକୁ ଏକ ନୂତନ ଟ୍ରେନ ଚଳାଚଳ, ବିଶାଖା ଏକ୍ସପ୍ରେସକୁ ଢେଙ୍କାନାଳ ପର୍ଯ୍ୟନ୍ତ ସମ୍ପ୍ରସାରଣ, ଅନୁଗୋଳ ଠାରେ ଏକ ୱାସିଂ ସେଡ ନିର୍ମାଣ ଉପରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ଲକ୍ଷ୍ମୀପ୍ରସାଦ ପଟ୍ଟନାୟକଙ୍କୁ ସଭାପତି ଭାବରେ ନିର୍ବାଚିତ କରାଯାଇଥିବା ବେଳେ ସମ୍ପାଦକ ଭାବରେ ବଦ୍ରୀନାରାୟଣ ମିଶ୍ର, ଯୁଗ୍ମ ସମ୍ପାଦକ ମନମୋହନ ମହାପାତ୍ର, ଉପଦେଷ୍ଟା ଭାବରେ ସାଇପ୍ରସାଦ ମହାପାତ୍ରଙ୍କୁ ନିର୍ବାଚିତ କରାଯାଇଥିଲା । ଏହି ବନ୍ଧୁମିଳନରେ ଅନୁଗୋଳ, ଢେଙ୍କାନାଳ, ନରାଜ, ଘଣ୍ଟିଖାଲର ବହୁ ପୁରୁଣା ପାସେଞ୍ଜର ଯୋଗଦେଇଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

### ଦୁର୍ବୃତ୍ତଙ୍କ ନଜରରେ 'ମୋ ବ୍ୟାଙ୍କ'

# ପୁଲିସକୁ ଚକ୍‌ମା ଦେଇ ଲୁଟିନେଲେ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ

**ପାଲଲହଡ଼ା, ୧୬।୨(ସମିସ)**

ଅନୁଗୋଳ ଜିଲ୍ଲା ପାଲଲହଡ଼ା ଥାନା ଅନ୍ତର୍ଗତ ନମପକ୍ଷି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ପାଲଲହଡ଼ା ଥାନାରେ ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ ଗତ ଗୁରୁବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ପଞ୍ଚାୟତ କାର୍ଯ୍ୟାଳୟର ତାଲା ଭାଙ୍ଗି ଏଲଇଡି ଟିଭି, ଇଇନଭର୍ଟର, ବ୍ୟାଟେରି, କମ୍ପ୍ୟୁଟର, ପ୍ରିଣ୍ଟର ଓ ଗଡରେଜ ଭାଙ୍ଗି ଜରୁରୀ କାଗଜପତ୍ର ଚୋରି କରି ନେଇଛନ୍ତି । ସେହିପରି ପଞ୍ଚାୟତ ପରିସରରେ ନୂତନ ଭାବେ ଖୋଲିବାକୁ ଥିବା ମୋ ବ୍ୟାଙ୍କରୁ ମଧ ଇନଭର୍ଟର, ବ୍ୟାଟେରି, ସିସିଟିଭି ହାର୍ଡ ଡିସ୍କ, ପ୍ରିଣ୍ଟର, ଲ୍ୟାପଟପ, କମ୍ପ୍ୟୁଟର, ଫ୍ୟାନ ଆଦି ଚୋରି କରି ନେଇଯାଇଥିବା ବେଳେ ସି ସି ଟିଭି ର ମନିଟରକୁ ଭାଙ୍ଗି ଭିତରେ ଥିବା ଯନ୍ତ୍ରପାତି ଚୋରି କରି ନେଇଥିବା ଦେଖିବାକୁ ମିଳିଛି । ମିଶନ ଶକ୍ତି ଗୃହ ପରିସରରୁ ମଧ କମ୍ପ୍ୟୁଟର ଓ ପ୍ରିଣ୍ଟରକୁ ନେଇଯାଇଛନ୍ତି । ପାଲଲହଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି କେସ ନଂ ୪୯/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ସବୁଠାରୁ ଆଶ୍ଚର୍ଯ୍ୟର କଥା ୮ ରୁ ୧୦ ଗୋଟି ତାଲା ଭାଙ୍ଗି ଉପକରଣ ଚୋରି କରିବା ଏକ ଅଭିଜ୍ଞ ଦଳର କାର୍ଯ୍ୟ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଚାଲିଛି । ଏହି ଗୋଟିଏ ମାସରେ ଏହା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ମୋ ବ୍ୟାଙ୍କ କେନ୍ଦ୍ରରୁ ଦ୍ୱିତୀୟ ଚୋରି ହୋଇଛି । ପୂର୍ବରୁ ବଡାସୁଆଁ ପଞ୍ଚାୟତ ମୋ ବ୍ୟାଙ୍କ କେନ୍ଦ୍ରରୁ ମଧ ସମାନ ଭାବରେ ତାଲା ଭାଙ୍ଗି ସମସ୍ତ ଉପକରଣ ନେଇ ଯାଇଥିଲେ ଦୁର୍ବୃତ୍ତ । ତାହାର କିଛି ଦିନ ମଧ୍ୟରେ ପାଲଲହଡ଼ା ଥାନା ଅଧୀନରେ ଏହା ଦ୍ୱିତୀୟ ଘଟଣା ହୋଇଥିବା ବେଳେ ଦୁର୍ବୃତ୍ତଙ୍କୁ କାବୁ କରିବାରେ ଆଜି ପର୍ଯ୍ୟନ୍ତ ପୁଲିସ ସକ୍ଷମ ହୋଇପାରିନାହିଁ ।



## ମେଘା ପ୍ରକଳ୍ପ ଫାଟକ ସମ୍ମୁଖରେ ବିକ୍ଷୋଭ




**କଣିହାଁ, ୧୬।୨(ସମିସ):** ଅନୁଗୁଳ କଣିହାଁ ବ୍ଲକ ହରିହରପୁର ପଞ୍ଚାୟତର ସରପଞ୍ଚ ଦୀପ୍ତିମୟୀ ପ୍ରଧାନଙ୍କ ନେତୃତ୍ୱରେ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଶତାଧିକ ମହିଳା ପୁରୁଷ ବଲାଙ୍ଗୀ ସ୍ଥିତ ମେଘା ପ୍ରକଳ୍ପ ଫାଟକ ସମ୍ମୁଖରେ ଶୁକ୍ରବାର ଅପରାହ୍ନରେ ତିନି ଦଫା ଦାବି ସମ୍ବଳିତ ଧାରଣ ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପଞ୍ଚାୟତ ଅନ୍ତର୍ଗତ ବଲାଙ୍ଗୀ କଲୋନୀ ହରିହରପୁର ଶିବରାମପୁର୍ ନୂଆ ବଲଣ୍ଡା ଡୁମୁଦୁମା ରଙ୍ଗପୁର୍ ଗ୍ରାମଗୁଡିକୁ ପ୍ରତ୍ୟେକ ଘରକୁ ପିଇବା ପାଣି ଯୋଗାଣ, ଶିବରାମପୁରର ଓଭର ହେଡ୍ ଟାଙ୍କିରୁ ବଳକା ପାଣିକୁ ନିକଟରେ ଥିବା ପୋଖରୀରେ ସଂରକ୍ଷଣ କରିବା, ପାଣି ପରିଚାଳନା କରିବା ପାଇଁ ଶିବରାମପୁର୍ ଗ୍ରାମର ସୁମନ କୁମାର ବେହେରାଙ୍କୁ ନିଯୁକ୍ତି ଦିଆଯିବା ନିଷ୍ପତ୍ତିକୁ ଦୀର୍ଘ ଆଠ ମାସ ହେବ ଜନପ୍ରତିନିଧି ଉପଖଣ୍ଡ ଅଧିକାରୀଙ୍କୁ ଜଣାଇଥିଲେ । ବିଳମ୍ବ ଯୋଗୁଁ ପଞ୍ଚାୟତବାସୀ ଧାରଣା ଦେଇ ଆନ୍ଦୋଳନ କରିଥିଲେ । ମେଘା ପ୍ରକଳ୍ପର ଅଧିକାରୀ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଏହି ଦାବିକୁ ଆଗାମୀ ୭ ଦିନ ମଧ୍ୟରେ ସମାଧାନ ନହେଲେ ଆଗାମୀ ଦିନରେ ରାଜରାସ୍ତାରେ ଜୋରଜାର ଆନ୍ଦୋଳନ କରାଯିବ ବୋଲି ସରପଞ୍ଚ ଶ୍ରୀମତୀ ପ୍ରଧାନ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସୁରଥ ଦେହୁରୀ, ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ନନ୍ଦ କିଶୋର ସାହୁ, ଗୋଲାକ ବେହେରା, ୱାର୍ଡ ସଭ୍ୟ ବୀଣାପାଣି ପ୍ରଧାନ, ଗୋବର୍ଦ୍ଧନ ପ୍ରଧାନ, ବାବୁଲା ଶତପଥୀ, ପ୍ରଶ୍ନ କୁମାର ଧୀର, ବିମଳ ନାଏକ ପ୍ରମୁଖ ସହଯୋଗ କରିଥିଲେ ।

## ସରକାରୀ ରାସ୍ତା ନିର୍ମାଣକୁ ବିରୋଧ

**ହିନ୍ଦୋଳ, ୧୬।୨(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନଏସି ଅଞ୍ଚଳରେ ଏକ ରାସ୍ତା ନିର୍ମାଣରେ ବାରମ୍ବାର ବାଧା ସୃଷ୍ଟି କରାଯାଉଥିବାରୁ ଅଞ୍ଚଳବାସୀ ହିନ୍ଦୋଳ ଉପଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ରାସ୍ତା ନିର୍ମାଣ ହେଲେ ଅଞ୍ଚଳର ୫ ଟି ପଞ୍ଚାୟତ ଅଧିବାସୀ ଉପକୃତ ହେବେ । ହିନ୍ଦୋଳ ଏନଏସି ୱାର୍ଡନଂ-୧୫ର ସିଙ୍ଘୋଳ, ଜାମ୍ବୁ ସାହି, ନୂଆସାହି, ବରଗୋଜ, କୁଳିଆତୋଟା ଓ ନୂଆପାଟଣା ଦେଇ ରାସୋଳ ଅଞ୍ଚଳକୁ ସଂଯୋଗ କରୁଥିବା ଏହି ରାସ୍ତା ଏବଂ ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ଦାବି ପରେ ବିଧାୟିକାଙ୍କ ଉଦ୍ୟମରେ ରାସ୍ତାଟି ଅନୁମୋଦିତ ହୋଇଥିଲା । ରାସ୍ତା କାର୍ଯ୍ୟ ଟେଣ୍ଡର ହୋଇ ରାସ୍ତା ନିର୍ମାଣ ହେବା ପାଇଁ ଯାଉଥିବା ବେଳେ ଅଲୁସିଙ୍ଗ ଗ୍ରାମର କିଛି ଅଧିବାସୀ ବିରୋଧ କରୁଛନ୍ତି । ଗ୍ରାମ ନିକଟରେ ରାସ୍ତା ଗଲେ ସେମାନଙ୍କୁ ଅସୁବିଧା ହେବ ଦର୍ଶାଇ ବିରୋଧ କରୁଥିବା ଦେଖିବାକୁ ମିଳିଛି । ଜନସାଧାରଣଙ୍କ ଅଭିଯୋଗ ଅନୁଯାୟୀ ଉକ୍ତ ପାଞ୍ଚଗ୍ରାମକୁ ମୁଖ୍ୟ ରାସ୍ତାଠାରୁ ସଂଯୋଗ କରୁଥିବା ରାସ୍ତାଟି ଆରଡି ବିଭାଗ ଚଳିତବର୍ଷ ପିଡବ୍ଲୁଡି ବିଭାଗକୁ ହସ୍ତାନ୍ତର କରି ଚଳିତ ବର୍ଷ ରାସ୍ତା ନିର୍ମାଣ ପାଇଁ ମୁଖ୍ୟରାସ୍ତାଠାରୁ ୮ କିମି ୭୦୦ମିଟର ମଧୁବନ ଠାରୁ ଆଲୁସିଂ ସ୍କୁଲ ଦେଇ ସିଙ୍ଘୋଳ ଗ୍ରାମ ପର୍ଯ୍ୟନ୍ତ ଟେଣ୍ଡର ହୋଇ ଠିକାଦାର କାମ କରୁଅଛନ୍ତି । ମାତ୍ର ୧୫ନଂ ୱାର୍ଡର କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଗ୍ରାମର ମହିଳାଙ୍କୁ ସମ୍ମୁଖରେ ରଖି ରାସ୍ତା ନିର୍ମାଣରେ ବାରମ୍ବାର ବାଧା ଉପଯାଉଛନ୍ତି । ପୂର୍ବରୁ ମଧ ହିନ୍ଦୋଳ ଏନଏସି ତରଫରୁ ବହୁଥର ଆଲୁସିଂ ଗ୍ରାମଠାରୁ ସ୍କୁଲଦେଇ ବରଗୋଜ, କୁଳିଆତୋଟା ଦେଇ ରାସ୍ତାନିର୍ମାଣ ଉଦ୍ୟମ କରାଯାଇଥିଲେ ମଧ କିଛି ନିର୍ଦ୍ଦିଷ୍ଟ ଖଳପ୍ରକୃତିର ଲୋକଙ୍କ ପ୍ରରୋଚନାରେ ବାରମ୍ବାର ରାସ୍ତା ନିର୍ମାଣରେ ବାଧାସୃଷ୍ଟି କରିଆସୁଥିବାରୁ ରାସ୍ତାଟି ନିର୍ମାଣ ହୋଇପାରୁନାହିଁ । ଯଦିଓ ରାସ୍ତା ପାଇଁ ଉକ୍ତ ଅଞ୍ଚଳ ଦେଇ ସରକାରୀ ରେକର୍ଡ ରାସ୍ତା ରହିଛି, ଅଞ୍ଚଳବାସୀଙ୍କ ଅଭିଯୋଗକୁ ଭିତ୍ତକରି ହିନ୍ଦୋଳ ତହସିଲଦାରଙ୍କ ପକ୍ଷରୁ ଆଜି ରାସ୍ତା ମାପହେବା ପାଇଁ କର୍ମଚାରୀ ଯାଇଥିବା ବେଳେ ରାସ୍ତାଟି ସମ୍ପୂର୍ଣ୍ଣ ସରକାରୀ ଥିବା ଜାଣିବାକୁ ପାଇଥିଲେ । ରାସ୍ତା ମାପହେବା ଆରମ୍ଭରୁ କିଛି ମହିଳା ବିଭିନ୍ନ ପ୍ରକାର ଆଳ ଦେଖାଇ ମାପ କାର୍ଯ୍ୟକୁ ବନ୍ଦ କରିଥିବା ଦେଖିବାକୁ ମିଳିଛି । ଆହୁରି ମଧ ଏହି ରାସ୍ତା ନିର୍ମାଣ ହେଲେ ୧୫ନଂ ୱାର୍ଡର ସମସ୍ତ ଗ୍ରାମ ସମେତ ଆଖପାଖକୁ ଲାଗିରହିଥିବା ହିନ୍ଦୋଳ ଉପଖଣ୍ଡର ୪/୫ଟି ପଞ୍ଚାୟତର ହଜାର ହଜାର ଜନସାଧାରଣ ଉପକୃତ ହୋଇପାରିବେ । ଏଣୁ ହିନ୍ଦୋଳ ଏନଏସି ୧୫ନଂ ୱାର୍ଡର କ୍ଷତିଗ୍ରସ୍ତ ପାଞ୍ଚଟି ଗ୍ରାମର ଶହ ଶହ ଜନସାଧାରଣ ହିନ୍ଦୋଳ ଉପଜିଲ୍ଲାପାଳ, ତହସିଲଦାର, ଥାନା ଭାରପ୍ରାପ୍ତ ଅଧିକାରୀଙ୍କୁ ସମସ୍ୟାର ଯଥାଶୀଘ୍ର ସମାଧାନ କରାଯିବାକୁ ଦାବି କରିଛନ୍ତି । ଆଗାମୀ ୧୫ ଦିନ ମଧ୍ୟରେ ସମାଧାନ ନହେଲେ ହିନ୍ଦୋଳ ଏନଏସି କର୍ତ୍ତୃପକ୍ଷ ଓ ହିନ୍ଦୋଳ ପ୍ରଶାସନିକ ଉଦାସନିନତା, ଖାମଖିଆଲ ମନୋବୃତ୍ତି ପାଇଁ ଯଦି କୌଣସି ସମାଧାନ ହୋଇନପାରିଲା କିମ୍ବା ରାସ୍ତା ନିର୍ମାଣ ନହୋଇ ପାରିଲା, ତେବେ ସମ୍ପୃକ୍ତ ଅଞ୍ଚଳର ଅଧିବାସୀ ରାଜରାସ୍ତାକୁ ଓହ୍ଲାଇବା ସହ ସମାଧାନ ହେବା ପର୍ଯ୍ୟନ୍ତ ଆନ୍ଦୋଳନାତ୍ମକ ପନ୍ଥା କରିବେ ବୋଲି ଚେତାବନୀ ଦେଇଥିବା ଜଣାପଡ଼ିଛି ।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର



**ପବିତ୍ରନଗର, ୧୬।୨(ସମିସ):** ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅନ୍ତର୍ଗତ କୁଲେଇ ଗ୍ରାମ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜ୍ୟୋତ୍ସ୍ନାମୟୀ ଗଡ଼ନାୟକ ସଭାପତିତ୍ୱ କରିଥିଲେ । ଏହି କାର୍ଯ୍ୟକ୍ରମରେ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଆମ ଓଡ଼ିଶା ନବୀନ ଓଡିଶା ଜିଲ୍ଲା ସଂଯୋଜକ କୈଳାସ ଚନ୍ଦ୍ର ସାହୁ, କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, କଣିହାଁ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବଦତ୍ତ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ. । ଓଡ଼ିଶା ସରକାରଙ୍କ ସମସ୍ତ ଯୋଜନା ଜନସାଧାରଣଙ୍କ ନିକଟରେ ସୁବିଧାରେ ପହଞ୍ଚିବା ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହା ବ୍ୟତୀତ କୃଷି ବିଭାଗ, ପାନୀୟ ଜଳ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ମିଶନ ଶକ୍ତି ବିଭାଗ, ସଂପୂର୍ତ୍ତ ବିଭାଗ ସମସ୍ୟା ସମାଧାନ କରଥିଲେ କୁଲେଇ ପିଇଓ ଗୋବିନ୍ଦ ଚନ୍ଦ୍ର ସାହୁ, ଗ୍ରାମରୋଜଗାର ସେବକ ବୀରବର ସାହୁ ସହଯୋଗ କରିଥିଲେ । ଏହି ଅବସରରେ ସମସ୍ତ ଷ୍ଟଲ୍ ବୁଲି ଅତିଥିଗଣ ଖୁସି ବ୍ୟକ୍ତ କରିଥିଲେ ।

## ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ରରେ ଜିଲ୍ଲାସ୍ତରୀୟ କାୟାକଳ୍ପ ଟିମ୍

**ତାଳଚେରସଦର, ୧୬।୨(ସମିସ):** ତାଳଚେର ବ୍ଲକ ଅନ୍ତର୍ଗତ ଧରମପୁର ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ରରେ ଜିଲ୍ଲାସ୍ତରୀୟ



କାୟାକଳ୍ପ ଟିମ୍ ପରିଦର୍ଶନରେ ଆସିଥିଲେ । ଆରୋଗ୍ୟ କେନ୍ଦ୍ରର ସ୍ୱଚ୍ଛତା, ପରିମଳ ସମ୍ବନ୍ଧୀୟ କାର୍ଯ୍ୟ ତଦାରଖ କରିଥିଲେ । ପାଳନ ହେଉଥିବା ସଂକ୍ରମଣ ନିୟନ୍ତ୍ରଣର ମାନକ ପ୍ରୋଟୋକଲ ଗୁଡ଼ିକୁ ଏହି ଟିମ ଆକଳନ କରିଥିଲେ । ଔଷଧ କେନ୍ଦ୍ର, ରକ୍ତ ନମୁନା କେନ୍ଦ୍ର, ଶୌଚାଳୟ, ଫୁଲ ବଗିଚା, ଯୋଗ କକ୍ଷ, ଔଷଧୀୟ ଉଦ୍ୟାନ ସମେତ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଚତୁଃପାର୍ଶ୍ୱ ବୁଲି ତଦାରଖ କରିଥିଲେ ଏବଂ ସ୍ୱାସ୍ଥ୍ୟ କେନ୍ଦ୍ରର ବର୍ଜ୍ୟବସ୍ତୁ ପରି ଚାଳନା ବିଷୟରେ ବୁଝିଥିଲେ । ଏହି ଜିଲ୍ଲାସ୍ତରୀୟ ଟିମରେ ମୁଖ୍ୟ ଚିକିତ୍ସାଳୟର ମାଇକ୍ରୋ ବାୟୋଲୋଜିଷ୍ଟ ଡ଼ଃ ସୁଶ୍ରୀ ଶାନ୍ତକ୍ଷ ତ୍ରିପାଠୀ, ଆସିଷ୍ଟାଣ୍ଟ ଇଞ୍ଜିନିୟର ସୁନିଲ କୁମାର ଦେହୁରୀ ସାମିଲ ଥିଲେ । ଏହି ଆକଳନରେ କଙ୍କିଲୀ ଗୋଷ୍ଠୀ ଆରୋଗ୍ୟ କେନ୍ଦ୍ରର ଡାକ୍ତର ଟୁନା ସାହୁ, ଧରମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଜୀବନ ଜ୍ୟୋତ୍ସ୍ନା ଜେନା, ସ୍ୱାସ୍ଥ୍ୟ କର୍ମୀ କବିତା ବେହେରା, ପୁରୁଷ ସ୍ୱାସ୍ଥ୍ୟ କର୍ମୀ ମାନସ ରଞ୍ଜନ ସାହୁ, ଆଶା କର୍ମୀ ସାମିଲ ଥିଲେ । ସୂଚନାଯୋଗ୍ୟ ଯେ, ଏଇ ନିକଟରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରାଳୟର ଜନସ୍ୱାସ୍ଥ୍ୟ ସୁବିଧାଗୁଡ଼ିକର ସଠିକ ଆକଳନରେ ଉତ୍ତୀର୍ଣ୍ଣ ହେଇ ଧରମପୁର ଆରୋଗ୍ୟ କେନ୍ଦ୍ର ସରକାରଙ୍କ ତରଫରୁ ଜାତୀୟ ଗୁଣବତ୍ତା ନିଶ୍ଚିତତା ମାନକ ପ୍ରମାଣ ପତ୍ର ପାଇବାର କୃତିତ୍ୱ ଅର୍ଜନ କରିଛି ।

## ଶିଶୁ ପ୍ରତିଭା କାର୍ଯ୍ୟକ୍ରମ

**ତାଳଚେର, ୧୬।୨(ସମିସ):** ତାଳଚେର ପୌରାଞ୍ଚଳର ୧୨ ନମ୍ବର ୱାର୍ଡ ଅନ୍ତର୍ଗତ ରେମୁଆଁ ବସ୍ତି ଉନ୍ନୟନ ସଂଘ ପକ୍ଷରୁ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନ୍ତର୍ଗତ ଶିଶୁ ପ୍ରତିଭା କାର୍ଯ୍ୟକ୍ରମ ପରିଚୟ ଗୃହଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୨ ନମ୍ବର ୱାର୍ଡ଼ କାଉନସିଲରସଞ୍ଜୀବଗଡ଼ନାୟକ,୧୩ନମ୍ବରୱାର୍ଡ଼ରକାଉନସିଲରରୂପଶ୍ରୀସ୍ୱାଇଁ, ଏସଡିଆର ସଭାନେତ୍ରୀ ମଞ୍ଜୁଲତା ଦାସ, କୋଷାଧକ୍ଷା ସୀତା ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ପୌର ପରିଷଦ ସିଓ ପ୍ରୀତିନନ୍ଦା ପ୍ରଧାନ ଏବଂ ସିଏମଏମ ରଶ୍ମିକାନ୍ତ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ଅବସରରେ ଅନୁଷ୍ଠିତ ଝୋଟି, ରଙ୍ଗୋଲୀ, ନୃତ୍ୟ, ଗୀତ ଆଦି ପ୍ରତିଯୋଗିତାରେ ବହୁ ସଂଖ୍ୟାରେ ପିଲା ଭାଗ ନେଇଥିଲେ । ଏଥିରେ କୃତୀ ଲାଭ କରିଥିବା ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସ୍ୱଚ୍ଛସାଥୀ ସୁପରଭାଇଜର ଅଙ୍କିତା ନନ୍ଦ, ଦୀପାଳି ଏବଂ ସ୍ୱଚ୍ଛ ସାଥୀ ଲିଲିଲତା ପ୍ରଧାନ, ସମାଜସେବୀ ଟିକନ ନାଏକ, କୁନା ରଥ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।



# ଜଟିଆ ବିବିସିସି କ୍ରିକେଟ ଟୁର୍ଣ୍ଣାମେଣ୍ଟ; କୁଲେଇ ଚାମ୍ପିଅନ

**କାମାକ୍ଷାନଗର, ୧୬।୨(ସମିସ):**

ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଜଟିଆ ପିତାବଳି ଷ୍ଟାଡିୟମ୍ ଠାରେ ବିବିସିସି ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଉଦଯାପନୀ ମ୍ୟାଚ୍ଟି କୁଲେଇ ଓ ଖାଲପାଳ କ୍ରିକେଟ କ୍ଲବ୍ ମଧ୍ୟରେ ହୋଇଥିଲା । ପ୍ରଥମ ମ୍ୟାଚ୍ କୁଲେଇ ଟସରେ ବିଜୟ ଲାଭ କରି ପ୍ରଥମେ ବ୍ୟାଟିଂ କରି ୧୦ ଓଭର ସମସ୍ତ ୱିକେଟରେ ୫୧ ରନ ସଂଗ୍ରହ କରିଥିଲା । ଏହାର ଜବାବରେ ଖାଲପାଳ ୬ ଓଭର ୧ ୱିକେଟ ହରାଇ ୫୪ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲା । ୨ୟରେ ପ୍ରଥମେ ଖାଲପାଳ ବ୍ୟାଟିଂ କରି ୮ ଓଭର ୮ୱିକେଟରେ ୭୪ ରନ ସଂଗ୍ରହ କରିଥିଲା । ଏହାର ଜବାବରେ କୁଲେଇ ୫ ଓଭର ୨ ୱିକେଟ ହରାଇ ୭୫ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲା । ୩ୟ ମ୍ୟାଚ୍ କୁଲେଇ ପ୍ରଥମେ ବ୍ୟାଟିଂ କରି ୮ ଓଭର ୮ ୱିକେଟରେ ୧୦୩ ରନ ସଂଗ୍ରହ କରିଥିଲା । ଏହାର ଜବାବରେ ଖାଲପାଳ ୭ ଓଭର ସମସ୍ତ ୱିକେଟ ହରାଇ ୫୩ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା । ଆଜିର ଫାଇନାଲ ମ୍ୟାଚରେ କୁଲେଇ ଟିମ୍ ୩ ଗୋଟି ମ୍ୟାଚ୍ରୁ ୨ ଗୋଟି ମ୍ୟାଚ୍ ବିଜୟ ଲାଭ କରି ୱିନର ହେଲା । ଏହି ମ୍ୟାଚ୍ରେ କୁଲେଇର ଶିପୁ ଅଫ ଦ ମ୍ୟାଚ୍, ମ୍ୟାନ ଅଫ ଦ ସିରିଜ୍ କୁଲେଇର ପ୍ରଶାନ୍ତ, ବେଷ୍ଟ ବ୍ୟାଟସ ମ୍ୟାନ ଖାଲପାଳ ଅନିଲ, ବେଷ୍ଟ ବୋଲର କୁଲେଇ ଜୁବି, ବେଷ୍ଟ ଫିଲ୍ଡର ଖାଲପାଳ ଓମ ହୋଇଥିଲେ । ଆଜିର ଉଦଯାପନୀ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ଅକ୍ଷୟ କୁମାର ବେହେରା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟା ରୁନୁ ବର୍ମା, ସରଞ୍ଚ କୃଷ୍ଣଚନ୍ଦ୍ର ମହାନ୍ତି, ସମିତି ସଭ୍ୟ ବାସୁଦେବ ଦାସ, ପ୍ରେମାନନ୍ଦ ସାହୁ, ଜିଲ୍ଲା ସମ୍ପାଦକ ବିଜୁ ଯୁବ ଜନତା ଦଳ, ସମାଜସେବୀ ରବିନାରାୟଣ ସାହୁ, ଶ୍ରମିକ ନେତା ଦିଲ୍ଲୀପ ବର୍ମା, ୧୧ ୱାର୍ଡ ମେମ୍ବର ଅଞ୍ଜଳି ଦେହୁରୀ ଯୋଗଦେଇ ଉଭୟ ଟିମ୍କୁ ଟ୍ରଫି ପ୍ରଦାନ କରିଥିଲେ । ଖେଳକୁ ଦିବେଶ ବେହେରା, ପ୍ରଭାତ ସାହୁ, ଜ୍ଞାନରଞ୍ଜନ ସାହୁ ଓ ସଲିମ୍ ସାହୁ ପରିଚାଳନା କରିଥିଲେ । ସ୍କୋରର ସନତ, ଶୁଭମ୍, କମେଟ୍ରି ପିଙ୍କୁ, ଅଜୟ । ଟୁର୍ଣ୍ଣାମେଣ୍ଟକୁ ଫକୀର, କୁର୍ତ୍ତି, ସମୀର, ଚିକୁ, ଶୁଭମ୍, ଆକାଶ ଏବଂ ସମସ୍ତ ମେମ୍ବର ପରିଚାଳନା କରିଥିଲେ ।



### ଧାର୍ଯ୍ୟ ସମୟରେ ହେଉନି 'ଆବାସ' ଘର

# ଲାଲ୍ ନୋଟିସ୍ ଲଗାଇଲା ପ୍ରଶାସନ

**୧,୩୭୨ ହିତାଧିକାରୀ ବୋନସ ଅର୍ଥରୁ ହେବେ ବଞ୍ଚିତ**

**କିଶୋରନଗର, ୧୬।୨(ସମିସ):** ଗରିବ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ଯୋଗାଇ ଦିଆଯାଉଛି । ହେଲେ ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକରେ ଆବାସ ଯୋଜନାରେ ଅନେକ ହିତାଧିକାରୀ ଘର ୱାର୍ଡ ଅର୍ଡର ପାଇ ଘର ନିର୍ମାଣ କରୁନଥିବା ନେଇ ସେମାନଙ୍କ ନାଁରେ ନାଲି ନୋଟିସ ଲଗାଇଛି ବ୍ଲକ ପ୍ରଶାସନ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, କିଶୋରନଗର ବ୍ଲକର ୨୩ ଟି ପଞ୍ଚାୟତରେ ଜୁଲାଇ ୨୦୨୩ରେ ୨୦୮୫ ଟି ଘର ମଞ୍ଜୁର ହୋଇଛି । ହେଲେ ଜୁଲାଇ ୨୦୨୩ ରେ ୨୦୭୩ ଜଣଙ୍କୁ ୱାର୍କଅର୍ଡର ପ୍ରଶାସନ ପକ୍ଷରୁ ଦିଆଯାଇ ପ୍ରଥମ କିସ୍ତିରେ ୪୦ ହଜାର ଟଙ୍କା ମଧ ଯୋଗାଇ ଦିଆଯାଇଛି । ହେଲେ ୨୦୭୩ ଜଣ ଘର ନିର୍ମାଣ କାମ ଆରମ୍ଭ କରୁନଥିବାରୁ ସେମାନଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ନାଲି ନୋଟିସ ଦିଆଯାଇଛି ବୋଲି ବିଡିଓ ବିନୋଦ ବିହାରୀ ବେହେରା ପ୍ରକାଶ କରିଛନ୍ତି । ପ୍ରଥମ କିସ୍ତି ପାଇ ଆଉ ଘର ନିର୍ମାଣ ନକରିବା ଦ୍ୱାରା ସେମାନେ ବୋନସ ଅର୍ଥ ପାଇବାରୁ ବଞ୍ଚିତ ହେଲେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ବ୍ଲକର ଆଜିଯାଏଁ ୧୨୦୧ ଜଣ ହିତାଧିକାରୀ ନିଜର ଘର ଶେଷ କରିଥିବା ବେଳେ ୧୨ ଜଣ ଭୂମିହୀନରେ ରହିଯାଇଛନ୍ତି ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ କାୟାକଳ୍ପ ଟିମ୍




**କଣିହାଁ, ୧୬।୨(ସମିସ):** କଣିହାଁ ବ୍ଲକ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଶୁକ୍ରବାର ଅପରାହ୍ନରେ ରାଜ୍ୟ ସ୍ତରୀୟ କାୟାକଳ୍ପ ଟିମ୍ ପରିଦର୍ଶନ କରିଥିଲେ ଓ ଡାକ୍ତର ସୁଭ୍ରଜ୍ୟୋତି ରାଓ, ବସନ୍ତ କୁମାର ସାହୁ, ସମରେଶର ସାହୁ ପ୍ରମୁଖ ସାମିଲି ଥିଲେ ଓ ବର୍ଜ୍ୟବସ୍ତୁ ପରିଚାଳନା ସହିତ ସାମଗ୍ରିକ ବ୍ୟବସ୍ଥା ତଦାରଖ କରିଥିଲେ ଓ କିପରି ରୋଗୀ ମାନଙ୍କୁ ସେବା ପ୍ରଦାନ ଦିଗରେ ବିଭାଗିୟ କର୍ମଚାରୀ ସେବା ଯୋଗାଇବା ଉପରେ ଆଲୋଚନା କରିବା ସହିତ ବ୍ୟବସ୍ଥାକୁ ନେଇ ନିରୀକ୍ଷଣ କରିଥିଲେ ଓ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଗକୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ସେବା ଯୋଗାଇବା ପାଇଁ ପରାମର୍ଶ ଦେଇଥିଲେ ଓ ଔଷଧିୟ ଉଦ୍ୟାନ ର ସଂରକ୍ଷଣ ଓ ଉପକାରିତା ଦିଗରେ ଧ୍ୟାନଦେଇ ସେବା ଯୋଗାଇବା ପାଇଁ ମତବ୍ୟକ୍ତ କରିଥିଲେ ଓ ଏହି କାର୍ଯ୍ୟକ୍ରମରେ କଣିହାଁ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁମନ୍ତ କୁମାର ପଟେଲ ଙ୍କ ସହିତ ବିପିଏମ ସରୋଜ କୁମାର ଦାସ, ବିଭାଗିୟ ପଦାଧିକାରୀ ମନଜିତ୍ ସାହୁ, ଆୟୁସ ଡାକ୍ତର ରାକେସ ମହାରଣା, ଦିଲ୍ଲିପ କୁମାର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

### ଫେସ୍‌ବୁକ୍‌ରେ ଭିଡ଼ିଓ ଅପଲୋଡ଼ ପରେ

# ମାଲେସିଆରୁ ଉଦ୍ଧାର ହେଲେ ନିର୍ଯାତିତ ଯୁବକ

■ ବିନା ଦରମାରେ କାମ କରାଉଥିଲା ଦଲାଲ
■ ଲୁଚି ଆସି ରହିଥିଲେ ଜଙ୍ଗଲରେ

କେନ୍ଦ୍ରାପଡ଼ା, ୧୬।୨(ସମିସ): ଚାକିରି ପ୍ରଲୋଭନ ଦେଖାଇ ଜଣେ ଦଲାଲ ମାଲେସିଆ ନେଇଯାଇଥିବା ଜନୈକ ଯୁବକଙ୍କୁ ନିର୍ଯାତନା ଦେଉଥିଲା। ଯୁବକ ଜଣଙ୍କ ନିର୍ଯାତନା ପାଉଥିବାର ଏକ ଭିଡ଼ିଓ ସୋସିଆଲ ମିଡିଆରେ ଅପ୍‌ଲୋଡ କରିବା ପରେ ଏହା ଭାଇରଲ ହେବାପରେ ଆଜି ଉଦ୍ଧାର ହୋଇ କେନ୍ଦ୍ରାପଡ଼ା ଫେରିଛନ୍ତି।



ପ୍ରକାଶ ଯେ ଜିଲ୍ଲାର ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଆମ୍ବେଡ ଗ୍ରାମର ସମ୍ପଦ ମଳିକଙ୍କ ପୁଅ ତାରାକାନ୍ତ ମଳିକ(୪୫) ଗତ ୨୦୧୮ ଜୁନ୍ ମାସରେ ସେହି ଗ୍ରାମର ଏଜେଣ୍ଟ ପ୍ରଶାନ୍ତ ମଳିକଙ୍କ ଦ୍ୱାରା ବିଭିନ୍ନ ପ୍ରଲୋଭନର ଶୀକାର ହୋଇ ଘରୁ ଭୁବନେଶ୍ୱର ଓ ପରେ ମାଲେସିଆ ଚାଲିଯାଇଥିଲେ। ଏଜେଣ୍ଟ ପ୍ରଶାନ୍ତ ଏକ ଅନ୍ତର୍ଜାତୀୟ କମ୍ପାନୀରେ ମୋଟା ଅଙ୍କର ଦରମାରେ ଚାକିରି ଦେବାକୁ ପ୍ରଲୋଭିତ କରି ତାରାକାନ୍ତଙ୍କୁ ନେଇଥିଲା। ସେଠାରେ ରହିବା ଓ ଖାଇବା ମାଗଣା ବୋଲି କହିଥିଲା।

ତାରାକାନ୍ତ ସମେତ ଅନ୍ୟ ୧୨ଜଣଙ୍କୁ ବିଦେଶ ଭ୍ରମଣ ଭିସାରେ ମାଲେସିଆକୁ ପଠାଇ ଦିଆଯାଇଥିଲା। ସେଠାରେ ପହଞ୍ଚିବା ପରେ ତାରାକାନ୍ତ ସହ ଅନ୍ୟ ୧୨ଜଣଙ୍କୁ କମ୍ପାନୀ ବଦଳରେ ବିଭିନ୍ନ ସ୍ଥାନରେ ଦିନମଜୁରିଆ ଭାବେ କାମରେ ଲଗାଯାଇଥିଲା। ତାଙ୍କ ମଜୁରିରୁ ଅର୍ଦ୍ଧାଧିକରୁ ଅଧିକ ଅର୍ଥ ସମ୍ପୃକ୍ତ ଦଲାଲ କାଟି ନେଇ ମାସକୁ ମାତ୍ର ୧୨ଶହରୁ ୧୩ଶହ ଟଙ୍କା ଦେଉଥିଲା ବୋଲି ଅଭିଯୋଗ ହୋଇଛି। ଏଭଳି ଭାବେ ୩ମାସ ବିତିଯିବା ପରେ ସମ୍ପୃକ୍ତ ଦଲାଲ ବିନା ଅର୍ଥରେ ତାରାକାନ୍ତ ସହ ଅନ୍ୟମାନଙ୍କୁ ଖଟିବାକୁ ବାଧ୍ୟ କରିଥିଲା। ନଚେତ ଭିସା ଅବଧି ସରି ଯାଇଥିବାରୁ ସେମାନଙ୍କୁ ପୁଲିସରେ ଧରାଇ ଦେବାକୁ ଧମକ ଦେଉଥିଲା। ବହୁ କଷ୍ଟଦାୟକ ଓ ବିପଦଜନକ କାର୍ଯ୍ୟରେ ତାରାକାନ୍ତ ଭଳି ଯୁବକମାନଙ୍କୁ ଲଗାଯାଉଥିଲା। ସେମାନେ ବାଧ୍ୟ ହୋଇ ଜଙ୍ଗଲରେ ଲୁଚି ରହିଥିଲେ। ଜଙ୍ଗଲରେ ମଧ୍ୟ ବାଘ, ସର୍ପ ଭଳି ଜଙ୍ଗଲି ଜନ୍ତୁଙ୍କର ଭୟ ରହିଥିଲା। ଏଭଳି ଭାବରେ ଦିନେ ଖାଇଲେ ୩ଦିନ ଉପାସରେ ରହିବାକୁ ପଡୁଥିଲା ବୋଲି ତାରାକାନ୍ତ ଅଭିଯୋଗ କରିଛନ୍ତି। ଏନେଇ ଏକ ଭିଡିଓ ଫେସବୁକରେ ତାରାକାନ୍ତ ଅପଲୋଡ କରିବା ପରେ ଚାରିଆଡେ ଚର୍ଚ୍ଚା ହୋଇଥିଲା।

ଏନେଇ ଅନ୍ତର୍ଜାତୀୟ ମାନବଧିକାର ରକ୍ଷକ ସଂଗଠନର ଗଲ୍ ଦେଶର ସଭାପତି ବିଶ୍ୱରଞ୍ଜନ ସାହୁ ଏସମ୍ପର୍କରେ ମ୍ୟାଲେସିଆ ଓଡିଆ କମ୍ୟୁନିଟିର ସତ୍ୟବାବୁ, ହୃଦୟାନନ୍ଦ ବାବୁ ଓ ଗ୍ଲୋବାଲ ଭଲ୍ୟୁଣ୍ଟର ସଂସ୍ଥାର ସଞ୍ଜୟ ବାବୁ ପ୍ରମୁଖଙ୍କ ସହ ଯୋଗାଯୋଗ କରିଥିଲେ। ଏଥିସହିତ ଭାରତ ସରକାରଙ୍କର ମାଲେସିଆ ରାଷ୍ଟ୍ରଦୂତ କାର୍ଯ୍ୟାଳୟ ଏବଂ ଭାରତୀୟ ପ୍ରବାସୀ ପରିଷଦ ଓଡ଼ିଶା ସଙ୍ଘ, କୁଏତ୍ ଭାରତ ସେବା ଦର୍ଶନ ରାଇଟର ଫୋରମ କୁଏତ ସହ ଯୋଗାଯୋଗ କରି ତାରାକାନ୍ତକୁ ଶେଷରେ ସେଠାରୁ ମୁକୁଳେଇବାରେ ସମର୍ଥ ହୋଇଥିଲେ। ଗତ ତିନି ଦିନ ତଳେ ସେଠାରୁ ବାହାରିଥିବା ତାରାକାନ୍ତ ଆଜି ସକାଳ ୯ଟାରେ ଭୁବନେଶ୍ୱରରେ ପହଞ୍ଚିବା ପରେ ସେଠାରୁ ସିଧା କେନ୍ଦ୍ରାପଡ଼ାର ଗରାପୁରସ୍ଥିତ ଅନ୍ତର୍ଜାତୀୟ ମାନବଧିକାର ରକ୍ଷକ ସଂଗଠନ କାର୍ଯ୍ୟାଳୟକୁ ଆସିଥିଲେ। ଭୁବନେଶ୍ୱରରୁ ତାଙ୍କ ସହିତ ଭାରତୀୟ ପ୍ରବାସୀ ପରିଷଦ, ଓଡ଼ିଶା ସଙ୍ଘ, କୁଏତ୍‌ର ଜନକଲ୍ୟାଣ ସଚିବ ସୁଶାନ୍ତ କୁମାର ସାହୁ, ସଂଗଠନର ରାଜ୍ୟ ମହିଳା ସଭାନେତ୍ରୀ ପ୍ରିୟମ୍ବଦା ନାୟକ, କଟକ ମହିଳା ସଭାନେତ୍ରୀ ନିଳିମା ମିଶ୍ର ପ୍ରମୁଖ ଏଠାକୁ ଆସିଥିଲେ। କେନ୍ଦ୍ରାପଡ଼ାରୁ ସଂଗଠନର ମହମ୍ମଦ ଜାକୀର, ସେକ ଗୋଲାମ୍ ମଦାନୀ, ମନୱର୍ଟାନ୍, ମିନତୀ ସୁନ୍ଦରରାୟ, ଦିଲ୍ଲିପ ନାୟକ, ମହମ୍ମଦ ମୁସ୍ତାକିମ, ସେକ ସାବିର ଓ ମହମ୍ମଦ ସରିଫ୍ ପ୍ରମୁଖ ତାରାକାନ୍ତଙ୍କୁ ସଙ୍ଗରେ ନେଇ ତାଙ୍କ ଆମ୍ବେଡ ଗ୍ରାମସ୍ଥିତ ଘରେ ଛାଡି ଆସିଥିଲେ। ସେଠାରେ ଏଭଳି ଦୟନୀୟ ଭାବେ ଆହୁରି ୪୦ରୁ ଊର୍ଦ୍ଧ୍ୱ ଯୁବକ ଥିବା ତାରାକାନ୍ତ ସୂଚନା ଦେଇଛନ୍ତି। ସେମାନଙ୍କ ମଧ୍ୟରୁ କେତେକ ପୁଲିସ ଦ୍ୱାରା ଗିରଫ ହୋଇ ଜେଲରେ ରହିଥିବା ମଧ୍ୟ ସେ କହିଛନ୍ତି। ସେମାନଙ୍କୁ ଯଥାଶୀଘ୍ର ଉଦ୍ଧାର କରିବାକୁ ତାରାକାନ୍ତ ନିବେଦନ କରିଛନ୍ତି।

## ସନାତନ ଧର୍ମ ସମ୍ମିଳନୀ ଆରମ୍ଭ



ରାଜନଗର, ୧୬।୨(ସମିସ): ରାଜନଗର ବ୍ଲକ ମହୁଲିଆ ପଞ୍ଚାୟତର ମହୁଲିଆଠାରେ ଆଜିଠାରୁ ୫୨ତମ ସନାତନ ଧର୍ମ ସମ୍ମିଳନୀ ଆରମ୍ଭ ହୋଇଛି। ଜଗତଗୁରୁ ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ରାଜନଗର ଆଞ୍ଚଳିକ ଭକ୍ତ ଗୋଷ୍ଠୀ ପକ୍ଷରୁ ଏହି ସନାତନ ଧର୍ମ ସମ୍ମିଳନୀ ଆୟୋଜନ କରାଯାଇଛି। ଆଜି ସକାଳୁ ରାଜନଗର ସ୍ଥିତ ଅଭିରାମ ଆଶ୍ରମରୁ ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ପ୍ରତିମୂର୍ତ୍ତିକୁ ସୁସଜ୍ଜିତ ରଥରେ ସ୍ଥାପନ କରି ନାମ ସଂକୀର୍ତ୍ତନ ସହିତ ଶତାଧିକ ଭକ୍ତଙ୍କ ଶୋଭାଯାତ୍ରାରେ ରାଜନଗର ବଜାର, ଗାଁ, ପରିକ୍ରମା କରିବା ପରେ ରାଜନଗର ଜରିମୂଳ ମୁଖ୍ୟରାସ୍ତା ଦେଇ ସମ୍ମିଳନୀ ସ୍ଥଳୀକୁ ନିଆଯାଥିଲା। ସମ୍ମିଳନୀ ସ୍ଥଳରେ ଠାକୁରଙ୍କୁ ପ୍ରତିଷ୍ଠା କରାଯାଇ ପୂଜାର୍ଚ୍ଚନା କରାଯାଉଛି। ଶାନ୍ତି ଧାନ କରମଳାର ବାବାଜୀ ହରେକୃଷ୍ଣ ଦାସ, ଭୀମସେନ ଦାସ, ଆଶାରାମ ଦାସ, ଦୟାନିଧି ଦାସ, ଜୟକୃଷ୍ଣ ଦାସ, ବଦ୍ରିନାଥ ଦାସ, ପ୍ରଫେସର ରମାକାନ୍ତ ରାଉତ, ପଣ୍ଡିତ ଶଙ୍କର୍ଷଣ ମିଶ୍ର, ପଣ୍ଡିତ ପ୍ରଫୁଲ୍ଲ କଣ୍ଡ, ସେବକ ଅଭୟ ବାବା ପ୍ରମୁଖ ଆଜି ସନ୍ଧ୍ୟାରେ ଯୋଗଦେଇ ଶ୍ରଦ୍ଧାଳୁଙ୍କୁ ଆଶ୍ରିବଚନ ଦେଉଛନ୍ତି। ରାଜନଗର ଆଞ୍ଚଳିକ ଭକ୍ତ ଗୋଷ୍ଠୀଙ୍କ ପକ୍ଷରୁ ୧୬ ତାରିଖ ଠାରୁ ୧୯ ତାରିଖ ପର୍ଯ୍ୟନ୍ତ ଏହି ଆଧ୍ୟତ୍ମିକ ସମ୍ମିଳନୀ ଅନୁଷ୍ଠିତ ହେବ। ପ୍ରତ୍ୟେକ ଦିନ ମଙ୍ଗଳ ଆଳତୀ, ଶ୍ରୀ ବିଷ୍ଣୁ ସହସ୍ର ନାମପାଠ. ପ୍ରଭାତ କୀର୍ତ୍ତନ ସହିତ ସଂଧ୍ୟାରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସନ୍ଥ ଓ ସାଧୁଙ୍କ ଦ୍ୱାରା ଶ୍ରୀ ଶ୍ରୀ ଠାକୁରଙ୍କ ଲୀଳା ଉପରେ ଦୀକ୍ଷାନ୍ତ ପ୍ରବଚନ କାର୍ଯ୍ୟକ୍ରମ ରହିଛି। ରାଜନଗର ଆଇଆଇସି ଅଜୟ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଶୋଭାଯାତ୍ରା ସମୟରେ ଆଇନ ଶୃଙ୍ଖଳା ତଦାରଖ କରିଥିଲେ। ରାଜନଗର ଏବଂ ଏହାର ଆଖ ପାଖ ଅଞ୍ଚଳରୁ ଶହ ଶହ ଶ୍ରଦ୍ଧାଳୁ ଭକ୍ତ ଅଂଶଗ୍ରହଣ କରିଥିଲେ। ରାଜନଗର ବଜାର ଓ ଗାଁରେ ଠାକୁରଙ୍କ ସୁସଜ୍ଜିତ ରଥ ପରିକ୍ରମା ସମୟରେ ଶ୍ରଦ୍ଧାଳୁମାନେ ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ। ଆଞ୍ଚଳିକ ଭକ୍ତ ଗୋଷ୍ଠୀ ସଂଘର ସଭାପତି ଦିବାକର ପରିଡ଼ା ଓ ମହୁଲିଆ ପଞ୍ଚାୟତବାସୀ ମିଳିତଭାବେ ଏହି ସନାତନ ଧର୍ମ ସମ୍ମିଳନୀକୁ ପରିଚାଳନା କରୁଛନ୍ତି।

## ୬ କେଜି ୮୧୦ ଗ୍ରାମ ଓଜନର ମୂଳା ଫଳାଇ ଚର୍ଚ୍ଚାରେ ନିରୋଦ



ରାଜକନିକା, ୧୬।୨(ସମିସ): ରାଜକନିକା ବ୍ଲକ ନଳପୋଖରୀ ଗାଁର ନିରୋଦ ନାୟକ ଏବେ ଚର୍ଚ୍ଚାରେ। କାରଣ ତାଙ୍କ ବାଡିରେ ଫଳିଛି ୬କେଜି ୮୧୦ ଗ୍ରାମର ମୂଳା। ନିରୋଦ ତାଙ୍କ ବାଡିରେ ଖଇବା ପାଇଁ ମୂଳା ଚାଷ କରିଥିଲେ। ଏହି ମୂଳା ଭିତରୁ ଗୋଟିଏ ମୂଳା ଅହେତୁକ ଭାବରେ ବଢ଼ିଥିଲା। ଏପରି ଅସ୍ୱାଭାବିକ ବୃଦ୍ଧି ହେଉଥିବା ଦେଖି ନିରୋଦ ସେହି ମୂଳାକୁ ଉପାଡି ଓଜନ କରିବାରୁ ୬ କେଜି ୮୧୦ ଗ୍ରାମ ହୋଇଥିଲା। ଏତେ ବଡ ମୂଳା ଉତ୍ପାଦନ ହୋଇଥିବାରୁ ନିରୋଦ ନିଜକୁ ନିଜେ ବିଶ୍ୱାସ କରି ପାରୁ ନ ଥିବା ବେଳେ ଏହି ମୂଳାକୁ ନେଇ ସେ ଆସନ୍ତାକାଲି ଜନତା ମୈଦାନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ମତ୍ସ୍ୟ ଓ ପ୍ରାଣୀପାଳନ ମେଳାରେ ପ୍ରଦର୍ଶନ କରିବେ ବୋଲି କହିଛନ୍ତି। ତେବେ ପେଷାରେ ଜଣେ ଲାଇଭ୍‌ଷ୍ଟକ ଇନ୍ସପେକ୍ଟର ଥିବା ନିରୋଦ ନିଜ ବାଡ଼ିରେ ଏଭଳି ଧରଣର ମୂଳା ଚାଷ କରିଥିବାରୁ ସାଧାରଣରେ ଏହି ମୂଳା ଦେଖିବାକୁ ଭିଡ଼ ବଢ଼ିଛି।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ, ୧୬।୨(ସମିସ): ବଡ଼ମୂଳବସନ୍ତ ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ବଡ଼ମୂଳବସନ୍ତ ପଞ୍ଚାୟତ ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପ ବାବଦରେ ୫୦ ଲକ୍ଷ ଟଙ୍କା ସରକାରୀ ଅନୁଦାନ ଯୋଗାଇ ଦିଆଯାଇଛି ଓ ଏହି ଅନୁଦାନରେ ବିଭିନ୍ନ ପ୍ରକଳ୍ପ ହାତକୁ ନିଆଯାଇଛି ଓ ବଡ଼ମୂଳବସନ୍ତ ପଞ୍ଚାୟତରେ କାର୍ଯ୍ୟକ୍ରମ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ସହିତ ରାଜ୍ୟରେ ପଞ୍ଚାୟତରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିକାଶମୂଳକ ସରକାରୀ ଯୋଜନାର ବାର୍ତ୍ତା ଘରେ ଘରେ ପହଞ୍ଚାଇବା ପାଇଁ ଏକ ସଭା ଆୟୋଜନ କରାଯାଇଥିଲା। ସରପଞ୍ଚ ସନ୍ତୋଷ ସେଠୀଙ୍କ ପୌରୋହିତ୍ୟ ଓ ଗୀତିକବି ସୁଶାନ୍ତ ପାଣିଙ୍କ ସଂଯୋଜନାରେ ଆୟୋଜିତ ସଭାରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଗ୍ରାମାଞ୍ଚଳ ବିକାଶ ପାଇଁ 'ଆମ ଓଡ଼ିଶା ନବୀନ ଓଡ଼ିଶା' ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୁଗାନ୍ତକାରୀ ପଦକ୍ଷେପ ହୋଇଥିବାରୁ ଏହି ଯୋଜନାରେ ମଞ୍ଜୁର ଅର୍ଥ ବିନିଯୋଗ କରି ଦୋଷିଆ ପଞ୍ଚାୟତକୁ ଏକ ସମୃଦ୍ଧ ସଶକ୍ତ ଓ ବିକଶିତ ପଞ୍ଚାୟତରେ ପରିଣତ କରିବା ସହିତ ନବୀନ ସରକାରଙ୍କ ସଫଳତାର ବାର୍ତ୍ତା ଘରେ ଘରେ ପହଞ୍ଚାଇବା ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।



ସଭାରେ ବିଡ଼ିଓ ଶୁଭ୍ରାଂଶୁ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବଡ଼ମୂଳବସନ୍ତ ପଞ୍ଚାୟତରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇଥିଲେ। ଅତିରିକ୍ତ ବିଡ଼ିଓ ସନ୍ତୋଷ କୁମାର ମନ୍ତ୍ରୀ, ସମିତିସଭ୍ୟା ସ୍ମୃତିମୟୀ ମଲିକ, ସହକାରୀ ଉଦ୍ୟାନ ଅଧିକାରୀ ସୌମ୍ୟରଞ୍ଜନ ସେଠୀ, କିଶୋର ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ସ୍ନିଗ୍ଧାରାଣୀ ସାହୁ, ସଂଗ୍ରାମ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

## ବାଲୁଙ୍କେଶ୍ୱର ନୋଡ଼ାଲ ବିଦ୍ୟାପୀଠର ପ୍ରକୃତି ଶିବିର

ଡେରାବିଶ, ୧୬।୨(ସମିସ): ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ବଳଭଦ୍ରପୁରସ୍ଥିତ ବାଲୁଙ୍କେଶ୍ୱର ନୋଡ଼ାଲ୍ ବିଦ୍ୟାପୀଠର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ପ୍ରକୃତି ଶିବିର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ସ୍ଥିତ ପରିବେଶ ପ୍ରଶିକ୍ଷଣ କେନ୍ଦ୍ରର ସହାୟତାରେ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶରେ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ଡଃ କାନନବାଳା ନାୟକଙ୍କ ତତ୍ତ୍ୱାବଧାନରେ ଇକୋ କ୍ଲବର ଗାଇଡ୍ ଶିକ୍ଷୟିତ୍ରୀ ରୋଜାଲିନ ସାମନ୍ତରାୟ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକମାନଙ୍କ ସହଯୋଗରେ ଜାତୀୟ ସବୁଜ ବାହିନୀର ୫୦ ଜଣ ଛାତ୍ରଛାତ୍ରୀ ଓ ୧୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ଏହି ପ୍ରକୃତି ଶିବିର ଅନୁଷ୍ଠିତ ହୋଇଥିଲା। ମାଷ୍ଟର ଟ୍ରେନର ଅଶୋକ କୁମାର ମହାପାତ୍ର ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ସେମାନେ ବିଶ୍ୱ ପ୍ରସିଦ୍ଧ ଭିତରକନିକା ଅଭୟାରଣ୍ୟର ସୌନ୍ଦର୍ଯ୍ୟ ଉପଭୋଗ କରିଥିଲେ। ଖୋଳା ନଦୀଠାରୁ ବୋଟଯାତ୍ରା ଆରମ୍ଭ କରି ବିଭିନ୍ନ ପ୍ରଜାତିର କୁମ୍ଭୀର, ପଶୁପକ୍ଷୀ ଓ ପ୍ରକୃତିର ସବୁଜିମାକୁ ଖୁବ୍ ନିକଟରୁ ଦେଖିବାର ସୁଯୋଗ ପାଇଥିଲେ। ଜଙ୍ଗଲ ଭିତରେ ଭ୍ରମଣ କରି ବିଭିନ୍ନ ବୃକ୍ଷର ନମୁନା ସଂଗ୍ରହ କରିବା ସହିତ ହେନ୍ତାଳ ବଣର ବିଶେଷତ୍ୱ, ତୋରାଣିଆ ଗଛର ମହତ୍ତ୍ୱ ଓ ଠେସଚେରର ଭୂମିକା ସମ୍ପର୍କରେ ଫରେଷ୍ଟର ପ୍ରଶାନ୍ତ ସିଂଙ୍କ ଠାରୁ ପ୍ରଶିକ୍ଷିତ ହୋଇଥିଲେ। ଏହି ଅବସରରେ ଭିତରକନିକାର ସ୍କିମ୍ ପରିସରରେ ଛାତ୍ରଛାତ୍ରୀମାନେ 'ବଣ ଅଦାଲତ' ଶୀର୍ଷକ ଏକ ନାଟକ ପରିବେଷଣ କରିବା ସହିତ ନୃତ୍ୟଗୀତର ଆସର ଜମାଇଥିଲେ। 'ସିଡ୍ ବମ୍' ସଂଗୃହୀତ ନମୂନାରୁ ହରବାରିୟମ ଓ କ୍ରାଫ୍ଟ ତିଆରି କରି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ସନ୍ଧ୍ୟାରେ ଶିବିରର ଉଦ୍‌ଯାପନ ଉତ୍ସବରେ ଜଙ୍ଗଲ ସହ-ସଂରକ୍ଷକ ମାନସ କୁମାର ଦାସ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ସହ ଚାରା ବଣ୍ଟନ କରିଥିଲେ ଓ କାର୍ଯ୍ୟକ୍ରମର ସଫଳତା ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ଡକ୍ଟର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



## ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ

କୁଜଙ୍ଗ, ୧୬।୨(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ନୂଆଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପବିତ୍ର ଶ୍ରୀପଞ୍ଚମୀ ସରସ୍ୱତୀ ପୂଜାରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ଚିତ୍ରସେନ ରାୟଙ୍କ ସଭାପତିତ୍ୱରେ ଆୟୋଜିତ ମାତୃ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଇଂର।।ଜୀ ଅଧ୍ୟାପକ ଶିଶିର କୁମାର ସ୍ୱାଇଁ, ସମ୍ମାନୀତ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କୃତ ସେବୀକା ପ୍ରେମଲତା ବାରିକ ଓ ମୁଖ୍ୟ ବକ୍ତା ରୂପେ କୁଜଙ୍ଗ ମହାବିଦ୍ୟାଳୟର ସମାଜବିଜ୍ଞାନ ଅଧ୍ୟାପିକା ଜୟନ୍ତୀ କୁମାରୀ ସ୍ୱାଇଁ ଯୋଗଦେଇ ଗୌରବମୟ ମାତୃତ୍ୱ ଓ ଏହାର ସୁଦୀର୍ଘ ପୃଷ୍ଠଭୂମି ସହ ମାତୃ ସମ୍ମିଳନରେ ମା' ମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ବିଷଦ ଆଲୋଚନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ କେତନ କୁମାର ତ୍ରିପାଠୀ ଅତିଥି ପରିଚୟ, ସମ୍ପାଦକ ଗଗନ ବିହାରୀ ଶୁକ୍ଳ, ଉପସଭାପତି ପ୍ରମୋଦ କୁମାର ଜେନା, ଉପଦେଷ୍ଟା ଗୌରହରି ରାଉତ, ଅଭୟ କୁମାର ବେହେରା ପ୍ରମୁଖ ଅତିଥି ରୂପେ ଯୋଗଦେଇ ମାତୃତ୍ୱ ଏକ ଦାୟିତ୍ୱବୋଧ ବୋଲି କହିବା ସହ ବିଭିନ୍ନ ପରାମର୍ଶ ଦେଇଥିଲେ। ଗୁରୁମା ରୀନାରାଣୀ ସୂତାର, ପ୍ରେମଲତା ରାଉତ, ପୂର୍ଣ୍ଣଚନ୍ଦ୍ର ମଲିକ, ଦେବୀ ପ୍ରସାଦ ବାରିକ, ନୀଳିମା ପ୍ରିୟଦର୍ଶିନୀ ସ୍ୱାଇଁ, ସୁଚିତ୍ରା ଲେଙ୍କା, ।ୁଲଣା ଦେଇ, ମମତା ବାରିକ, ଦୀପାଞ୍ଜଳି ବେହେରା, ଜ୍ୟୋର୍ତିମୟୀ ସାହୁଙ୍କ ସହ ସମସ୍ତ ସେବକ ସେବିକା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଗୁରୁମା ପୁଷ୍ପଲତା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ମେଲଣ କମିଟିର ପ୍ରସ୍ତୁତି ବୈଠକ

ଡେରାବିଶ, ୧୬।୨(ସମିସ): କେନ୍ଦ୍ରାପଡ଼ା ବ୍ଲକ ଭାଗବତପୁର ପଞ୍ଚାୟତ ବାଲିଆସ୍ଥିତ ଗୋବିନ୍ଦଜୀଉ ମନ୍ଦିର ପ୍ରାଙ୍ଗଣରେ ମେଲଣ କମିଟିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ବିଶ୍ୱପ୍ରକାଶ କାନୁନ୍‌ଗୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅଞ୍ଚଳର ବିଭିନ୍ନ ଠାକୁରବାଡ଼ି ମାଲିକ ଓ ମଠାଧୀଶମାନେ ଯୋଗଦେଇ ଚଳିତ ବର୍ଷ ମେଲଣର ସୁପରିଚାଳନା ପାଇଁ ଦେଇଥିବା ପ୍ରସ୍ତାବ ଗୁଡ଼ିକ ଆଲୋଚନା କରାଯାଇଥିଲା। ଆଲୋଚନା ପରେ ଶବ୍ଦ ପ୍ରଦୂଷଣକୁ ରୋକିବା ପାଇଁ ଡିଜେ ଭଳି ଶ୍ରୁତିକଟୁ ବାଦ୍ୟ ଓ ବାଣ ଆଦି ବ୍ୟବହାର କରାନଯିବା ପାଇଁ ନିଷ୍ପତି ନିଆଯାଇଥିଲା। ପାରମ୍ପରିକ ବାଦ୍ୟରେ ଠାକୁରମାନଙ୍କୁ ମେଲଣ ପଡ଼ିଆକୁ ଆସିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତି ନିଆଯାଇଥିଲା। ଏହି ଅବସରରେ ଗତବର୍ଷ ଠାକୁର ଭୋଗଲାଗି କରିବା ନେଇ କିଛି ଠାକୁରବାଡ଼ିଆଙ୍କ ଅସନ୍ତୋଷକୁ ଆଲୋଚନା କରାଯାଇ ସମାଧାନ କରାଯାଇଥିଲା ଏବଂ ନରସିଂହପୁର ଗ୍ରାମର ନିଶିକାନ୍ତ ପଣ୍ଡା, ଓଲଡ଼ି ଗ୍ରାମର ସାଧୁ ଚରଣ ଦାସ, ଜଗନ୍ନାଥ କରଙ୍କୁ ମେଲଣ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ବୈଠକରେ କାର୍ଯ୍ୟକାରି ସଭାପତି ତାରା ପ୍ରସନ୍ନ କାନୁନ୍‌ଗୋ ଓ ହଳଧର ଦାଶ, ସୁପ୍ରଭାତ କାନୁନ୍‌ଗୋ, ସମ୍ପାଦକ ଦେବକୀନନ୍ଦନ ମିଶ୍ର, ଦାମୋଦର ତ୍ରିପାଠୀ, କସ୍ତୁରି ଚରଣ ପାତ୍ର, ଶାରଦା ପ୍ରସାଦ ମିଶ୍ର, ପ୍ରମୋଦ କୁମାର ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ନିଶିକାନ୍ତ ପଣ୍ଡା ଓ ନବକିଶୋର ମିଶ୍ର ମଙ୍ଗଳାଷ୍ଟକ ଓ ବେଦପାଠ କରିଥିବା ବେଳେ ଶେଷରେ ଗୋବିନ୍ଦଜୀଉ ମନ୍ଦିର ତରଫରୁ ବିଜେନ୍ଦ୍ର ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାଳୟସ୍ତରୀୟ ନିରାପତ୍ତା ଓ ସୁରକ୍ଷା ତାଲିମ




ରାଜନଗର, ୧୬।୨(ସମିସ): ରାଜନଗର ବ୍ଲକ ଓସ୍ତିଆ ବନ୍ଧପାଟଣା ନୋଡାଲ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ନିରାପତ୍ତା ଓ ସୁରକ୍ଷା ତାଲିମ ଶିବିର ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସେଠୀଙ୍କ ପୌରହିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜଗନ୍ନାଥ ଶାସନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡ. ଶ୍ରୀତମ ରଞ୍ଜନ ପାତ୍ର, ଅଗ୍ନିଶମ ବିଭାଗ ରାଜନଗରର ହାବିଲଦାର ସୁବାଷ ଚନ୍ଦ୍ର ବାରିକ ଓ ସିଆରସିସି ଲକ୍ଷ୍ମୀକାନ୍ତ ପ୍ରିୟଦର୍ଶନ ପ୍ରମୁଖ ପ୍ରଶିକ୍ଷକଭାବେ ଯୋଗଦେଇ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ କଳ୍ପନା ଦାସ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସବିତା ମିଶ୍ର, ନିରାକାର ସେଠୀ, ମନସ୍ୱିନୀ ରଥ, ସତ୍ୟନାରାୟଣ ମହାନ୍ତି, ଉର୍ମିଳା ପରିଡ଼ା, ପଦ୍ମଲୋଚନ ସ୍ୱାଇଁ, ପ୍ରଲ୍ୟ କୁମାର ମଲ୍ଲିକ, ତାରିଣୀ ପ୍ରିୟଦର୍ଶନୀ, ଅଭିଲିପ୍ସା ଦାଶ ପ୍ରମୁଖ ଅଂଶଗ୍ରହଣ କରିଥିବାବେଳେ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ରେଡିଓ ଭାବଗ୍ରାହୀରେ ବିଶ୍ୱ ରେଡିଓ ଦିବସ ପାଳିତ

ନିକିରାଇ, ୧୬ ।୨(ସମିସ): ବାରୋସ୍ଥିତ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭାବଗ୍ରାହୀ କଳା ନିକେତନର ଅକ୍ଷୟ ମହାନ୍ତି କକ୍ଷରେ ଜିଲ୍ଲାର ଏକମାତ୍ର ଗୋଷ୍ଠୀ ବେତାର କେନ୍ଦ୍ର ରେଡିଓ ଭାବଗ୍ରାହୀ ଆନୁକୂଲ୍ୟରେ ବିଶ୍ୱ ରେଡିଓ ଦିବସ ପାଳିତ ହୋଇ ଯାଇଛି। କଳା ନିକେତନ ତଥା ରେଡିଓ ଭାବଗ୍ରାହୀର ପ୍ରତିଷ୍ଠାତା ସଙ୍ଗୀତ ନିର୍ଦ୍ଦେଶକ ବିମଳ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଖୁଆସ୍ଥିତ ଚିତ୍ରୋତ୍ପଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପାଣି ମୁଖ୍ୟଅତିଥି, ରାଜନେତା ହରିଶ୍ଚନ୍ଦ୍ର ଜେନା ମୁଖ୍ୟ ବକ୍ତା, ବାଣୀ ବିନୋଦ ସାହିତ୍ୟ ସେବା ନିକେତନର ସଭାପତି ନିରଞ୍ଜନ ପରିଡ଼ା ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ବିଶ୍ୱ ରେଡିଓ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଆରମ୍ଭରେ ରୂପାଲି ସୂତାର, ରାଜଲକ୍ଷ୍ମୀ ପରିଡ଼ା ଏବଂ ଭାଗ୍ୟଲକ୍ଷ୍ମୀ ପରିଡ଼ା ସ୍ୱାଗତ ସଙ୍ଗୀତ ଗାଇଥିଲେ। ଗୀତିକାର ବିମଳ ପରିଡ଼ା ଅତିଥି ପରିଚୟ ପ୍ରଦାନ ସହିତ ସ୍ୱାଗତ ଭାଷଣ ଦେଇଥିଲେ। ନାଟ୍ୟକାର ଭୀମସେନ ପ୍ରଧାନ ବିମଳ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ରେଡିଓ ଭାବଗ୍ରାହୀ ତରଫରୁ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଧୀରାମଣି ପରିଡ଼ା, କାର୍ଯ୍ୟକ୍ରମ ନିଷ୍ପାଦକ ସୁଶ୍ରୀ ସଙ୍ଗୀତା ଜେନା, ବିଶ୍ୱଜିତ୍ ପରିଡ଼ା, ମାନସ ପରିଡ଼ା, କେଦାର ସ୍ୱାଇଁ, ଜୀବନ ପ୍ରଦୀପ ଜେନା, ପ୍ରଦୀପ ଜେନା, ସଂଗ୍ରାମ ଜେନା, ଅର୍ଚ୍ଚନା ପରିଡ଼ା, ଗୁରୁ ପ୍ରଶାନ୍ତ କୁମାର ମହାରଣା, ଗୁରୁ ପ୍ରମୋଦ କୁମାର ଦାସ ପ୍ରମୁଖ




ଦିବ୍ୟଜ୍ୟୋତି ପରିଡ଼ା ଏବଂ ପ୍ରଭାତ କୁମାର ବେହେରା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସ୍ଥିତ ଥିଲେ। ଶେଷରେ ପ୍ରବଚକ ବିକ୍ରମ ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

